

ମହତାବ ପାଠାଗାର ରୂପାନ୍ତରଣ ଲାଗି ଭିତ୍ତିସ୍ଥାପନ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ






ସୋମବାର ହୋଟେଲ ମେ' ଫେୟାରରେ ଅନୁଷ୍ଠିତ ନୂଆ ଓଡ଼ିଶା ବିଶ୍ୱ ଅଭିବୃଦ୍ଧି ଓ ନିଯୁକ୍ତି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ

# ତୀର୍ଥଯାତ୍ରାରେ ଗଲେ ୮ ଜିଲ୍ଲାର ୯୭୦ ବରିଷ୍ଠ ନାଗରିକ

## ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ଭାବବିହ୍ୱଳ କୃତଜ୍ଞତା

**ସମ୍ବଲପୁର,୧୯।୨(ସମିସ):** ଭାରତୀୟ ସଂସ୍କୃତି ତଥା ବିଶ୍ୱର ଅନ୍ୟ ସଂସ୍କୃତିରେ ତୀର୍ଥଯାତ୍ରାର ବିଶେଷ ମହତ୍ତ୍ୱ ରହିଛି। ତୀର୍ଥଯାତ୍ରାକୁ ଏକ ଆଧ୍ୟାତ୍ମିକ ଏବଂ ଦିବ୍ୟ ଅନୁଭୂତି ଭାବରେ ବିବେଚନା କରାଯାଏ। ପ୍ରାଚୀନ କାଳରୁ ଭାରତୀୟ ସଂସ୍କୃତିର ବିବିଧତାକୁ ଏକାଠି ଓ ଅକ୍ଷୁଣ୍ଣ ରଖିବାରେ ତୀର୍ଥଯାତ୍ରାର ପରମ୍ପରା ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ତଦନୁଯାୟୀ ଓଡ଼ିଶା ସରକାରଙ୍କ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଚାରିଆଡ଼େ ଆଲୋଚନା ହେଉଛି।



ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ଜୀବନବ୍ୟାପୀ ସ୍ୱପ୍ନ ପୂରଣ କରିବା ଏବଂ ସେମାନଙ୍କ ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ କରିବାର ଏକ ବଡ଼ ସୁଯୋଗ ପ୍ରଦାନ କରିଛି। ଏହାକୁ ଦୃଷ୍ଟିରେ ରଖି ଆଜି ସମ୍ବଲପୁର ଜଙ୍କସନ ରେଳ ଷ୍ଟେସନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ସକାଳ ସାଢ଼େ ୧୧ଟାରେ ୮ଟି ଜିଲ୍ଲାର ୯୭୦ଜଣ ତୀର୍ଥଯାତ୍ରୀ, ୩୦ଜଣ ଏସ୍କର୍ଟ ଅଫିସରଙ୍କ ସହ ଅଜମେର-ପୁଷ୍କର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ୮ଟି ଜିଲ୍ଲା ହେଲା ସମ୍ବଲପୁର, ବରଗଡ଼, ବଲାଙ୍ଗିର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ଦେବଗଡ଼ ଓ ଅନୁଗୁଳ। ସମ୍ବଲପୁରରୁ ୧୧୨, ବରଗଡ଼ରୁ ୧୫୯, ଦେବଗଡ଼ରୁ ୩୩, ଝାରସୁଗୁଡ଼ାରୁ ୬୨, ସୁନ୍ଦରଗଡ଼ରୁ ୨୨୫, ବଲାଙ୍ଗିରରୁ ୧୭୭, ସୁବର୍ଣ୍ଣପୁରରୁ ୬୫ ଓ ଅନୁଗୁଳରୁ ୧୩୭ ଜଣ ତୀର୍ଥଯାତ୍ରୀ ଯାଉଛନ୍ତି। ବରିଷ୍ଠ ନାଗରିକଙ୍କ ଯାତ୍ରା ଖର୍ଚ୍ଚ, ରହିବା, ଖାଇବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଭଳି ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି ସରକାର। ତୀର୍ଥଯାତ୍ରୀମାନଙ୍କୁ ଟ୍ରାଭେଲ କିଟ୍ ବ୍ୟାଗ ମଧ୍ୟ ଯୋଗାଇ ଦିଆଯାଇଥିଲା ଯେଉଁଠାରେ ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ରହିଛି। ତୀର୍ଥଯାତ୍ରୀମାନେ ଆସନ୍ତା ୨୪ ଫେବୃଆରୀରେ ଅଜମେର-ପୁଷ୍କରରୁ ଫେରିବାର କାର୍ଯ୍ୟକ୍ରମ ରହିଛି।

# ମାର୍ଚ୍ଚ ୨ ରୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ପରୀକ୍ଷା

**ଭୁବନେଶ୍ୱର, ୧୯।୨ (ସମିସ):** ଚଳିତ ଶିକ୍ଷାବର୍ଷରେ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ପାଇଁ ମାର୍ଚ୍ଚ ୨ରୁ ପରୀକ୍ଷା ଅରମ୍ଭ ହେବ। ଦୁଇଟି ସିଟିଂରେ ଏହି ପରୀକ୍ଷା ହେବ। ପ୍ରଥମ ସିଟିଂ ସକାଳ ୧୦ଟାରୁ ଓ ଦ୍ୱିତୀୟ ସିଟିଂ ଅପରାହ୍ଣ ୨ଟାରୁ ଆରମ୍ଭ ହେବ। ପରୀକ୍ଷା ପାଇଁ ୨ ଘଣ୍ଟା ସମୟ ରହିଛି। ଭିନ୍ନକ୍ଷମମାନଙ୍କୁ ଅଧିକ ୪୦ ମିନିଟ୍ ଦିଆଯିବ। ମାର୍ଚ୍ଚ ୨ ଓ ୪ ତାରିଖରେ ଦୁଇଟି ଲେଖାଏଁ ସିଟିଂରେ ପରୀକ୍ଷା ହେବାକୁ ଥିବା ବେଳେ ୬ ତାରିଖ ଦିନ ଗୋଟିଏ ସିଟିଂରେ ପରୀକ୍ଷା ହେବ। ଏଥିପାଇଁ ଭୁବନେଶ୍ୱର ଜୋନ୍‌ରୁ ସମୁଦାୟ ୨୬୮୯ଜଣ ପରୀକ୍ଷାର୍ଥୀ ଥିବା ବେଳେ ବାଲେଶ୍ୱର ଜୋନ୍‌ର ୬୫୨ ଓ ସମ୍ବଲପୁର ଜୋନ୍‌ରେ ୬୯୮ଜଣ ପରୀକ୍ଷାର୍ଥୀ ଅଛନ୍ତି। ଏହାସହ ବ୍ରହ୍ମପୁର ଓ ଜୟପୁର ଜୋନ୍‌ରେ ପରୀକ୍ଷାର୍ଥୀ ମଧ୍ୟ ରହିଛନ୍ତି। ଭୁବନେଶ୍ୱର ଜୋନ୍ ପାଇଁ ବକ୍ସି ଜଗବନ୍ଧୁ (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରାଯାଇଥିବା ବେଳେ ବାଲେଶ୍ୱର ପାଇଁ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ଓ ସମ୍ବଲପୁର ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରାଯାଇଛି। ପରୀକ୍ଷା କେନ୍ଦ୍ର ସମ୍ପର୍କରେ ସୁନିଶ୍ଚିତ କରିବାକୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସହମତି ପତ୍ର ଦେବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତ ଶିକ୍ଷାବର୍ଷରୁ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ପ୍ରଦାନ କରାଯାଉଛି। ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଗବେଷଣା ପାଇଁ ପ୍ରୋତ୍ସାହିତ କରିବା ପାଇଁ ଏହି ଫେଲୋସିପ ଦିଆଯାଉଛି। ଏଥିରେ ଛାତ୍ରଛାତ୍ରୀଙ୍କୁ ମାସକୁ ୩୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ରାଜ୍ୟର ୩୦୦ ସ୍ନାତକୋତର ଛାତ୍ରଛାତ୍ରୀଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଏହି ଛାତ୍ରବୃତ୍ତି ଦିଆଯିବ। ଏହାସହ ବିଜ୍ଞାନରେ ସ୍ନାତକୋତ୍ତର କରୁଥିବା ଛାତ୍ରଛାତ୍ରୀଙ୍କୁ ୫୦ ହଜାର ଓ ସାମାଜିକ ବିଜ୍ଞାନରେ ସ୍ନାତକୋତ୍ତର ପାଇଁ ବାର୍ଷିକ ୩୦ହଜାର ଟଙ୍କା ସହାୟତା ପ୍ରଦାନ କରିବାର ପ୍ରାବଧାନ ରହିଛି।

# ଗୁରୁବାରିଆ ହତ୍ୟା ମାମଲା; ୧୧ଗିରଫ

**ବ୍ରହ୍ମପୁର,୧୯।୨(ସମିସ):** ଜରଡ଼ା ଥାନା ଅନ୍ତର୍ଗତ ଆଙ୍କୁଲି ପଞ୍ଚାୟତର ହଳଦୀବାଡ଼ ଗ୍ରାମରେ ଗୁରୁବାରିଆ ଡାକୁଆ(୪୩)ଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ପରେ ପୋଡ଼ିଦେବା ଘଟଣାରେ ସମ୍ପୃକ୍ତ ୧୧ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ସୂଚନାଯୋଗ୍ୟ, ଗାଁରେ ଜଣେ ଲୋକଙ୍କ ମୃତ୍ୟୁ ହେବା ପରେ ଏକ ବୈଠକ କରାଯାଇଥିଲା। ବୈଠକରେ ଗାଁର ଗୁରୁବାରିଆଙ୍କୁ ଡକାଯାଇଥିଲା। କିନ୍ତୁ ଗୁରୁବାରିଆ ନଯିବାରୁ ସେ ଗୁଣି କରି ସଂପୃକ୍ତ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ନେଇ ଗ୍ରାମବାସୀଙ୍କ ସନ୍ଦେହ ଲୋକଙ୍କ ମଧ୍ୟରେ ଘନୀଭୂତ ହୋଇଥିଲା। ପୂର୍ବରୁ ଗ୍ରାମବାସୀଙ୍କ ସହ ଗୁରୁବାରିଆଙ୍କର ଗଣ୍ଡଗୋଳ ମଧ୍ୟ ହୋଇଥିଲା ଏବଂ ଗୁରୁବାରିଆ ଏକ ମାମଲାରେ ଜେଲକୁ ଯାଇ ଫେରିଥିଲା। ଗତ ୧୦ ତାରିଖରେ ଗୁରୁବାରିଆ ଘରେ ଶୋଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଲୋକ ତାଙ୍କ ଘରେ ପଶି ତାଙ୍କ ପତ୍ନୀ ଶ୍ରୀମନ୍ତି ଡାକୁଆଙ୍କୁ ଟଣାଓଟରା କରିଥିଲେ। ଏହାର ପ୍ରତିବାଦ କରିବାରୁ ସେମାନେ ଗୁରୁବାରିଆଙ୍କୁ ଘରୁ ବାହାରକୁ ଟାଣି ଆଣି ପ୍ରବଳ ମାଡ଼ ମାରିଥିଲେ। ଗାଁରେ ଗୁଣିଗାରେଡ଼ି କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ସନ୍ଦେହ କରି ଗାଁ ଲୋକେ ଏକାଠି ହୋଇ ଗୁରୁବାରିଆଙ୍କୁ ପିଟିପିଟି ହତ୍ୟା କରିବା ପରେ ପୋଡ଼ି ଦେଇଥିଲେ।

# ମାର୍ଚ୍ଚ ପ୍ରଥମ ସପ୍ତାହରେ ୭୦ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ ରାଜ୍ୟ କଂଗ୍ରେସ

**ଭୁବନେଶ୍ୱର, ୧୯।୨(ସମିସ):** ମାର୍ଚ୍ଚ ପହିଲା ସୁଦ୍ଧା ପ୍ରଥମ ପର୍ଯ୍ୟାୟ ଟିକେଟ୍ ଘୋଷଣା କରିବ ରାଜ୍ୟ କଂଗ୍ରେସ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୦ଟି ଟିକେଟ ଘୋଷଣା କରିବା ପାଇଁ ଦଳ ଲକ୍ଷ୍ୟ ରଖିଛି। ଆଗୁଆ ଟିକଟ ଘୋଷଣା କରି ଦଳୀୟ ପ୍ରାର୍ଥୀଙ୍କୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ଦଳର ସଂଗଠନ ଓ ଦଳ ସପକ୍ଷେରେ ଭୋଟ୍ ଯୋଗାଡ଼ ପାଇଁ ଦଳ ଯୋଜନା କରିଛି। ମାର୍ଚ୍ଚ ପହିଲା ସୁଦ୍ଧା ଟିକଟ ଘୋଷଣା ନେଇ ସୋମବାର ପ୍ରଦେଶ ନିର୍ବାଚନ କମିଟି ବୈଠକ ଅବସରରେ ପିସିସି ସଭାପତି ଶତର ପଟ୍ଟନାୟକ ସୂଚନା ଦେଇଥିବା ବେଳେ ଏହା ଦଳ ପାଇଁ ଶୁଭଙ୍କର ସାଜିବ ବୋଲି ଦଳ ଆଶା ରଖିଛି।

ଆଗୁଆ ଟିକେଟ ପ୍ରଦାନ ପାଇଁ ଆଜି କଂଗ୍ରେସ ନିର୍ବାଚନ କମିଟି ବୈଠକ ବସିଥିଲା। ଏଥିରେ ନିର୍ବାଚନ କମିଟିର ୨୩ଜଣ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଗମନ ଆପ୍‌ରେ ଆବେଦନ କରିଥିବା ଆଶାୟୀଙ୍କ ବିଷୟରେ ଏଠାରେ ଆଲୋଚନା ହୋଇଥିଲା। ବୈଠକରୁ ଜଣାପଡ଼ିଛି ଯେ ବିଧାୟକ ପ୍ରାର୍ଥୀ ହେବା ପାଇଁ ରାଜ୍ୟର ୧୪୭ ଆସନ ପାଇଁ ୩ ହଜାର ଆଶାୟୀ ଆବେଦନ କରିଥିବା ବେଳେ ସାଂସଦ ଆସନ ପାଇଁ ୭୦୦ ଆଶାୟୀ ଆବେଦନ କରିଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶାର କେଉଁ ସ୍ଥାନରୁ କେଉଁ ପ୍ରାର୍ଥୀ ଛିଡ଼ା ହେବେ ସେ ନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଛି। ଏଆଇସିସି କମିଟି ମେମ୍ବର ବି ଏହି ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ପ୍ରସ୍ତୁତ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଦିଲ୍ଲୀ ସ୍କ୍ରିନିଂ କମିଟି ସମ୍ମୁଖରେ ଉପସ୍ଥାପିତ କରାଯିବ ଓ ଚୂଡ଼ାନ୍ତ ତାଲିକା ଆସିବା ପରେ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷତାରେ କମିଟି ବସିଛି। କମିଟି ବୈଠକରେ ଚୂଡ଼ାନ୍ତ ହୋଇଥିବା ଆଶାୟୀଙ୍କ ନାଁ ଏଆଇସିସିକୁ ସୁପାରିସ କରାଯିବ। ଚୂଡ଼ାନ୍ତ ନିଷ୍ପତ୍ତି ଏଆଇସିସି ନେବ।

ଅନ୍ୟପଟେ କଂଗ୍ରେସରୁ ବର୍ତ୍ତମାନ ପ୍ରତି ଦିନ କିଛି କିଛି ନେତା ଦଳ ଛାଡୁଛନ୍ତି। ମୁଖ୍ୟତଃ ଟିକଟ ନ ମିଳିବାର ସମ୍ଭାବନା ଓ ଦଳୀୟ ଦୁର୍ବଳ ସଂଗଠନ ଯୋଗୁଁ ନେତାମାନେ ଦଳ ଛାଡୁଥିବା କହୁନ୍ତି। ତେବେ ଆଗୁଆ ଟିକଟ ଘୋଷଣା କରି ଦଳର ଚେହେରାଙ୍କୁ ଆଗୁଆ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ଦଳ ଯୋଜନା କରିଛି। ଏହାଦ୍ୱାରା ଦଳ ଛାଡ଼ ପର୍ବରେ ରୋକ ଲାଗିବ ବୋଲି ରାଜ୍ୟ କଂଗ୍ରେସ ଆଶା ରଖିଥିବା ଜଣାପଡ଼ିଛି।

# ଆଇଜର୍ ବ୍ରହ୍ମପୁରକୁ ଆଜି ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ

**ବ୍ରହ୍ମପୁର, ୧୯।୨(ସମିସ):** ମଙ୍ଗଳବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ବ୍ରହ୍ମପୁର ଆଇଜର୍‌କୁ ଲୋକାର୍ପଣ କରିବେ। ଏନେଇ ଫୋରମ ଫର୍ ଗଞ୍ଜାମ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଦୀର୍ଘ ଦିନର ଦାବି, ସଂଘର୍ଷ, ସଂଗ୍ରାମ ଓ ବିପ୍ଳବର ଫଳ ଆଇଜର୍ ବ୍ରହ୍ମପୁର ବୋଲି ଏଠାରେ କୁହାଯାଇଛି। ଫୋରମ ଫର୍ ଗଞ୍ଜାମର ସଂଯୋଜକ ତଥା ପରିବେଶବିତ୍ ସୁଧୀର ରାଉତ କହିଛନ୍ତି ଯେ ଆଇଆଇଏମ ପ୍ରତିଷ୍ଠା ନେଇ ଫୋରମ୍ ଫର୍ ଗଞ୍ଜାମ ନେତୃତ୍ୱରେ ୨୦୧୪/୧୫ ମସିହାରେ ଐତିହାସିକ ଆନ୍ଦୋଳନ ସଂଗଠିତ ହୋଇଥିଲା। ଏହାକୁ ଦଳମତ ନିର୍ବିଶେଷରେ ସମସ୍ତେ ସମର୍ଥନ କରିଥିଲେ। ଜିଲ୍ଲାର ସ୍ୱାର୍ଥ ଲକ୍ଷ୍ୟ ନେଇ ସବୁ ବର୍ଗରେ ଲୋକେ ଏଥିରେ ସାମିଲ ହୋଇଥିଲେ। ଏହି ଅନୁଷ୍ଠାନ ଲୋକାର୍ପିତ ହେବା ଅବସରରେ ଫୋରମ ଫର ଗଞ୍ଜାମ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଇଟି ରାଓ, ଭିଭିଏନ ରାଓ, ସୁଶାନ୍ତ ସାବତ, ବି ସ୍ୱରାଜ୍ୟ ସୁବୁଦ୍ଧି, ଭୀମସେନ ସାହୁ, ସୁଶାନ୍ତ କୁମାର ମହାନ୍ତିଙ୍କ ସମେତ ବହୁ ସଦସ୍ୟ ସାମିଲ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଚଳନ୍ତା ଟ୍ରେନ୍‌ରେ ହଣାକଟା

**ବଲାଙ୍ଗିର, ୧୯।୨(ସମିସ):** ବଲାଙ୍ଗିର-ଲୋଇସିଂହା ରେଳଷ୍ଟେସନ ମଝିରେ ଟ୍ରେନ ଭିତରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଗୁରୁତର ଯୁବକ ଜଣକ ଲୋଇସିଂହା ଥାନା ଦୁମଦୁମି ଗ୍ରାମର ଦୁର୍ଯ୍ୟ ମେହେରଙ୍କୁ ଲୋଇସିଂହାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଜଣେ ଯୁବତୀଙ୍କୁ କିଛି ଦୁର୍ବୃତ୍ତଙ୍କଠାରୁ ରକ୍ଷା କରିବାକୁ ଯାଇ ସେ ଆକ୍ରମଣର ଶିକାର ହୋଇଥିଲେ। ସୂଚନା ଅନୁସାରେ, ଦୁର୍ଯ୍ୟ ଓ ତାଙ୍କର ଜଣେ ସମ୍ପର୍କୀୟ ସୋମବାର ମେଡିକାଲ କାମରେ ବଲାଙ୍ଗିର ଆସିଥିଲେ। ସନ୍ଧ୍ୟାରେ ସୁଦପଡ଼ା ରେଳଷ୍ଟେସନଠାରୁ ଜୁନାଗଡ଼-ସମ୍ବଲପୁର ପାସେଞ୍ଜର ଲୋଇସିଂହା ଯିବା ପାଇଁ ଚଢିଥଲେ। ତାଙ୍କ ପାଖରେ ବସିଥିବା ଜଣେ ଯୁବତୀଙ୍କୁ ୭-୮ ଜଣ ଆକ୍ରମଣ କରି ଟ୍ରେନରୁ ଠେଲି ଦେବାକୁ ଚେଷ୍ଟା କରୁଥିଲେ। ଦୁର୍ଯ୍ୟ ଏହା ଦେଖି ସେମାନଙ୍କୁ ଅଟକାଇବାରୁ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ। ଦୁର୍ଯ୍ୟଙ୍କ ମୁଣ୍ଡ ଓ ଗୋଡରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି। ପ୍ରଥମ ଆକ୍ରୋଶର ଶିକାର ହୋଇଥିବା ଯୁବତୀ ଜଣକ ଭବାନୀପାଟଣାର ବୋଲି କୁହାଯାଉଥିବାବେଳେ ଲୋଇସିଂହା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କୁଆଡେ ଫେରାର ମାରିଥିବା ଜଣାପଡ଼ିଛି। ଏହାସହ ଲୋଇସିଂହା ଷ୍ଟେସନରୁ ଆକ୍ରମଣକାରୀମାନେ ମଧ୍ୟ କେଉଁଆଡେ ଫେରାର ମାରିଛନ୍ତି।

## ମୂର୍ତ୍ତି ଚୋର ଗ୍ୟାଙ୍ଗ ଠାବ

# ଶିବ-ପାର୍ବତୀଙ୍କ ପିତ୍ତଳ ମୂର୍ତ୍ତି ଉଦ୍ଧାର, ୫ ଗିରଫ

**ପୁରୀ,୧୯।୨(ସମିସ):** ପୁରୀ ପୁଲିସକୁ ବଡ଼ ସଫଳତା ମିଳିଛି। ଗତ ୧୨ତାରିଖ ବିଳମ୍ବିତ ରାତିରେ ପୁରୀ ସହରସ୍ଥିତ ମୁକ୍ତେଶ୍ୱର ମନ୍ଦିରର ତାଲାଭାଙ୍ଗି କଳାକନା ବୁଲାଇଥିବା ୫ଜଣଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ, ଛଇତନାର ରଞ୍ଜନ କୁମାର ପ୍ରଧାନ ଓରଫ୍ କାଳିଆ, ରାମଚଣ୍ଡୀ ଥାନା କବିରାଜପୁରର ବିକାଶ ବେହେରା, ଛଇତନାର ସୁଶୀଳ ପ୍ରଧାନ ଓରଫ୍ ପୁନିଆ। ଏମାନଙ୍କଠାରୁ ଲୁଟ୍ ସାମଗ୍ରୀ କିଣିଥିବା ୨ଜଣ ହେଲେ ବାଲିପୁଟର ଗୁଣମଣି ପ୍ରଧାନ ଓ ଛଇତନାର ଜିତେନ୍ଦ୍ର କାହାଳ। ସେମାନଙ୍କଠାରୁ ୧୮କେଜି ଓଜନର ଶିବପାର୍ବତୀଙ୍କର ଦୁଇଟି ପିତ୍ତଳ ମୂର୍ତ୍ତି (ଉଚ୍ଚତା ୧୭ ଇଞ୍ଚ),



୪ଟି ସୁନା ଲକେଟ୍, ମଙ୍ଗଳସୂତ୍ର, ରୂପା ପାଉଁଜି, ଚେନ୍, ଅଣ୍ଟାବିନ୍ଧା, ଖଡ଼ୁ, ଏକ ସାଉଣ୍ଡ ମେସିନ ଜବତ କରାଯାଇଛି। ସୋମବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ଏହି ସୂଚନା ଦେଇଛନ୍ତି।

ଗତ ୧୨ ତାରିଖ ରାତିରେ ମନ୍ଦିରରେ ପହୁଡ଼ ପକାଇ ଘରକୁ ଯାଇଥିଲେ ପୂଜକ। ପରଦିନ ଭୋରୁ ପୂଜକ ଶରତ କୁମାର ମହାପାତ୍ର ମନ୍ଦିରରେ ପହଞ୍ଚିଥିଲେ। ପହୁଡ଼ ଖୋଲିବାକୁ ଯିବାବେଳେ ମନ୍ଦିର ମୁଖ୍ୟ ଫାଟକ ତାଲା ଭାଙ୍ଗିଥିବା ଦେଖିଥିଲେ।

## ଠାକୁରଙ୍କ ସୁନାରୁପା ଅଳଙ୍କାର ଓ ସାଉଣ୍ଡ ମେସିନ୍ ଜବତ

ବାବା ମୁକ୍ତେଶ୍ୱର (ଶିବ)ଓ ମା' ପାର୍ବତୀଙ୍କ ପିତ୍ତଳମୂର୍ତ୍ତିକୁ ସିଂହାସନରୁ ଉଠାଇ ନେଇଥିଲେ ଦୁର୍ବୃତ୍ତ। ସେହିପରି ମା' ପାର୍ବତୀଙ୍କ ସୁନା ମଙ୍ଗଳସୂତ୍ର, ରୂପା ପାଉଁଜି, ଚେନ୍, ଅଣ୍ଟାବିନ୍ଧା, ଖଡ଼ୁ, ମହାଦେବଙ୍କ ସୁନା ଲକେଟ୍ ଓ ଏକ ସାଉଣ୍ଡ ମେସିନ୍ ନେଇଯାଇଥିଲେ। ସିସିଟିଭି ଫୁଟେଜରୁ ଲୁଟେରା ବିଳମ୍ବିତ ରାତିରେ ଏହି ଚୋରି କରିଥିବା ଜଣାପଡ଼ିଥିଲେ ହେଁ ସେମାନଙ୍କୁ ଫୁଟେଜରୁ ଚିହ୍ନଟ କରାଯାଇପାରୁ ନ ଥିଲା। ତେବେ ଅଭିଯୋଗ ପରେ ଏହାକୁ ଗୁରୁତର ସହ ନେଇଥିଲେ ଏସ୍‌ପି ଶ୍ରୀ ମିଶ୍ର। ଏନେଇ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ତାଳବଣିଆ ଥାନା ପୁଲିସକୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ପୂର୍ବରୁ ମୂର୍ତ୍ତି ଚୋର ଏବଂ ଚୋରି ସାମଗ୍ରୀ କିଣୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ପ୍ରଥମେ ତଥ୍ୟ ସଂଗ୍ରହ କରିଥିଲା ପୁଲିସ। ଏହାକୁ ଆଧାର କରି ପୁଲିସ ଲୁଟେରାଙ୍କ ପାଖରେ ପହଞ୍ଚି ଯାଇଥିଲା।

# ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ହାତ କାଟିଦେଲେ ଦୁର୍ବୃତ୍ତ

**ଯାଜପୁର, ୧୯।୨(ସମିସ):** ବିଂଝାରପୁର ଥାନା କଲ୍ୟାଣପୁର ଶ୍ରୀବନ୍ତ ହାଇସ୍କୁଲ ନିକଟରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ଦୁଇଟି ହାତକୁ କେହି ଦୁର୍ବୃତ୍ତ କାଟି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ କଲ୍ୟାଣପୁର ସରପଞ୍ଚ ସଙ୍ଗୀତା ନାୟକ ବିଂଝାରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଗାନ୍ଧୀ ମୂର୍ତ୍ତିଙ୍କ ହାତ କାଟିବା ସହ ବାଡ଼ି ମଧ୍ୟ ଲୁଟିନେବାର ପ୍ରକୃତ କାରଣ ଜଣାପଡ଼ିନାହିଁ।

# ପ୍ରତ୍ୟାଶାଙ୍କୁ ଡବଲ୍ ସ୍ୱର୍ଣ୍ଣ

**ଭୁବନେଶ୍ୱର,୧୯।୨ (ସମିସ):** ଓଡ଼ିଶାର ସନ୍ତରଣ ତାରକା ପ୍ରତ୍ୟାଶା ରାୟ ସୋମବାରଠାରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ଦିବସରେ ଡବଲ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ



କରୁଥିବା ପ୍ରତ୍ୟାଶା ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ୍ ଓ ୧୦୦ ମିଟର୍ ବ୍ୟାକ୍‌ଷ୍ଟ୍ରୋକରେ ଏହି ସଫଳତା ପାଇଛନ୍ତି। ଆସାମର ଡ. ଜାକିର ହୁସେନ ଆକ୍ୱାଟିକ୍ କମ୍ପ୍ଲେକ୍ସରେ ଅନୁଷ୍ଠିତ ୪୦୦ ମିଟର ଫ୍ରିଷ୍ଟାଇଲକୁ ସେ ୪ ମିନିଟ୍ ୪୮.୨୨ ସେକେଣ୍ଡରେ ଫିନିଶ୍ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକକୁ ଏକ ମିନିଟ୍ ୮.୧୨ ସେକେଣ୍ଡରେ ଶେଷ କରି ପ୍ରତ୍ୟାଶା ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାତେଇନେଇଥିଲେ। ପ୍ରତ୍ୟାଶା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା-ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି।






## ଓସାକ୍ସ ପକ୍ଷରୁ ଦିନିକିଆ ପ୍ରଶିକ୍ଷଣ ଶିବିର

# 'ଏଚ୍‌ଆଇଭି ସଂକ୍ରମିତଙ୍କ ଅଧିକାର ସୁରକ୍ଷା ଓ ଭେଦଭାବ ରୋକିବା ବଡ଼ ଦାୟିତ୍ୱ'

**ଭୁବନେଶ୍ୱର, ୧୯।୨ (ସମିସ):** ଏଚ୍‌ଆଇଭି/ଏଡସ୍ ଅଧିନିୟମ-୨୦୧୭ ଅନୁଯାୟୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଏଚ୍‌ଆଇଭି ସଂକ୍ରମିତଙ୍କର ଅଧିକାର ସୁରକ୍ଷା ଓ ସେମାନଙ୍କ ପାଇଁ ଘୃଣା, ଭେଦଭାବଶୂନ୍ୟ ସୁସ୍ଥ ବାତାବରଣ ସୃଷ୍ଟି କରି ମୁଖ୍ୟସ୍ରୋତକୁ ଆଣିବା କ୍ଷେତ୍ରରେ କମ୍ପ୍ଲେଣ୍ଟ ଅଫିସର (ଅଭିଯୋଗ ଶୁଣାଣି ଅଧିକାରୀ) ମାନଙ୍କର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜି ଭୁବନେଶ୍ୱରରେ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ଦ୍ୱାରା ଅନୁଷ୍ଠିତ ଆଞ୍ଚଳିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ଅଭିଯୋଗ ଶୁଣାଣି ଅଧିକାରୀମାନଙ୍କର ଏକ ଦିବସୀୟ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ କହିଛନ୍ତି। ସେ କହିଥିଲେ ଯେ ଏଚ୍‌ଆଇଭି ପ୍ରତିରୋଧ, ନିୟନ୍ତ୍ରଣ ଓ ସଂକ୍ରମିତ ବ୍ୟକ୍ତିମାନଙ୍କ ଅଧିକାର ସୁରକ୍ଷା ପାଇଁ ୨୦୧୮ ରେ ଏଡସ୍ ପ୍ରତିରୋଧ



ଏବଂ ନିୟନ୍ତ୍ରଣ ଅଧିନିୟମ-୨୦୧୭ରେ ଲାଗୁ କରାଯାଇଛି। ଏହି ଅଧିନିୟମ ଧାରା ୨୧ ଅନୁସାରେ ୨୦ରୁ ଅଧିକ କର୍ମଚାରୀ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସେହି ଜିଲାର ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ ପିଏଚଓ) ଙ୍କ ନିର୍ଦ୍ଦେଶରେ ଜଣେ ବରିଷ୍ଠ ଅଧିକାରୀଙ୍କୁ ଅଭିଯୋଗ ଶୁଣାଣି ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଆମ ରାଜ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ୩୫୦ଜଣ ଏହି ଅତିରିକ୍ତ ଦାୟିତ୍ୱ ସୁଚାରୁରୂପେ ନିର୍ବହନ କରୁଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସଂକ୍ରମିତ ବ୍ୟକ୍ତିଙ୍କର ଯଦି କୌଣସି ଅଭିଯୋଗ ଆସିଥାଏ, ଅଭିଯୋଗ ଶୁଣାଣି ଅଧିକାରୀ ଆଇନ ଅନୁଯାୟୀ ଉଚିତ ପଦକ୍ଷେପ ନେବାର ପ୍ରାବଧାନ ରହିଛି।

ଏହି ଅବସରରେ ବିଭିନ୍ନ ଡାକ୍ତରଖାନାରୁ ଆସିଥିବା ବରିଷ୍ଠ ଡାକ୍ତରମାନେ କହିଥିଲେ ଯେ ଅନେକ କ୍ଷେତ୍ରରେ ଡାକ୍ତରମାନଙ୍କ ଭିତରେ ଥିବା ଭୟ ଯୋଗୁ ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିମାନେ ବିଶେଷକରି ଅସ୍ତ୍ରୋପ୍ରଚାର କ୍ଷେତ୍ରରେ ଡାକ୍ତରଖାନାରେ ଅବହେଳିତ ହେଉଛନ୍ତି। ଭୟ ନକରି ପ୍ରାକ୍-ସାବଧାନତା ସରଞ୍ଜାମ ବ୍ୟବହାର କରି ସଂକ୍ରମିତ ବ୍ୟକ୍ତିର ଅସ୍ତ୍ରୋପଚାର କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓସାକ୍ସର ସହ ନିର୍ଦ୍ଦେଶକ ଙ୍ଗ ଅଜୟ ପାତ୍ର ଏଚ୍‌ଆଇଭିର ମୌଳିକ ତଥ୍ୟ ଉପରେ ସବିଶେଷ ଧାରଣା ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା, ପୁରୀ, ନୟାଗଡ଼, ଯାଜପୁର, ଅନୁଗୁଳ ଏବଂ ଢେଙ୍କାନାଳ ଆଦି ପାଞ୍ଚଟି ଜିଲ୍ଲାର ଅଭିଯୋଗ ଶୁଣାଣି ଅଧିକାରୀ ଯୋଗ ଦେଇଥିଲେ।








## ଆପାର୍ଟମେଣ୍ଟ ଲୁଟ୍‌ରୁ ମିଳିବ ତ୍ରାହି

# ଚୋର ପଶିଲେ ବାଜିବ ଆଲାର୍ମ

**ଭୁବନେଶ୍ୱର, ୧୯ ।୨(ସମିସ):**

ଏଣିକି ବନ୍ଦ ଘରେ ଚୋର ପଶିଲେ ମୋବାଇଲ୍ ଫୋନ୍‌ର ଆଲାର୍ମ ବାଜି ଉଠିବ। ସନ୍ଦିଗ୍ଧ ଘରେ ପଶିବା କ୍ଷଣି ଆପ୍ଲିକେସନ୍ ଅପଲୋଡ୍ ହୋଇଥିବା ମୋବାଇଲ ଫୋନ୍ ଥରି ଉଠିବ। ଫଳରେ ଘର ମାଲିକ ସତର୍କ ହେବା ସହ

- **ସନ୍ଦିଗ୍ଧ ପଶିଲେ ଥରିବ ମୋବାଇଲ୍; ସଜାଗ ହେବେ ମାଲିକ**
- **ହାଇ ଟେକ୍ନୋଲୋଜି ମେସିନ ଉପରେ ଡେମୋ କରୁଛି ପୁଲିସ**

ଆଗୁଆ ସଜାଗ୍ ହେବେ। ଏଥିପାଇଁ ନୂଆ ଆପ୍ଲିକେସନ ଡିଭାଇସ୍ ଲଗାଇବା ପରିକଳ୍ପନା କରିଛି କମିସନରେଟ୍ ପୁଲିସ। ସହରରେ ଥିବା ଆପାର୍ଟମେଣ୍ଟଗୁଡ଼ିକରୁ ବଢୁଥିବା ଲୁଟ୍‌ପାଟ୍‌କୁ ରୋକିବାକୁ ଏହି ଯୋଜନାକୁ କାର୍ଯ୍ୟକ୍ଷମ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ସହରର ଆପାର୍ଟମେଣ୍ଟର ସୋସାଇଟି ସହ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଏହି ପଦକ୍ଷେପ ନିଆଯିବ ବୋଲି ପୁଲିସ କମିସନର୍ ସଞ୍ଜିବ ପଣ୍ଡା ସୂଚନା ଦେଇଛନ୍ତି।

ପୁଲିସ କମିସନରଙ୍କ କହିବା ଅନୁଯାୟୀ, ଏଭଳି ଏକ ଉଚ୍ଚଶକ୍ତିସମ୍ପନ୍ନ ହାଇ ଟେକ୍ନୋଲୋଜି ମେସିନ ଉପରେ ପୁଲିସ ଡେମୋ କରୁଛି। ଯେଉଁମାନେ ଘର ଛାଡ଼ି ବାହାରକୁ ଯାଉଛନ୍ତି ସେମାନେ ଏହି ମେସିନକୁ ଘରେ ଲଗାଇପାରିବେ। ଏହା ମେସିନ୍ ସହ ନିଜର ମୋବାଇଲ୍ ଫୋନ୍‌ରେ ଏକ ଆପ୍ଲିକେସନ ଡାଉନ୍‌ଲୋଡ୍ କରିବେ। ଫଳରେ ଆଲାର୍ମ ମେସିନ ସହ ମୋବାଇଲ୍ ଲିଙ୍କ୍ ରହିବ। ଘର ବନ୍ଦ ଥିବାବେଳେ



(ପୂର୍ବ ଲୁଟ୍‌ର ଫାଇଲ୍ ଫଟୋ)

କେହି ସନ୍ଦିଗ୍ଧ ଘର ଭିତରେ ପଶିଲେ, ମୋବାଇଲ ଫୋନ୍‌କୁ ଆଲାରାମ ବାଜିବା ସହ ଫୋନ୍‌ଟି ଥରି ଉଠିବ। ଘର ମାଲିକ ତୁରନ୍ତ ଅଗବତ ହୋଇ ସ୍ଥାନୀୟ ପୁଲିସ କିମ୍ବା ଆଖପାଖ ପଡ଼ୋଶୀଙ୍କ ସହାୟତା ନେଇପାରିବେ। ଫଳରେ ଲୁଟ୍ ହେବା ଆଗରୁ ଘର ମାଲିକ ଜାଣି ଆଗୁଆ ସତର୍କତା ଅବଲମ୍ବନ କରିବ। ଆପାର୍ଟମେଣ୍ଟବାସୀଙ୍କୁ ନେଇ ଏ ଯୋଜନା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯିବ। କେମିତି କାମ କରିବ ଏହି ଯୋଜନା ଓ ଏହାର ରୂପରେଖ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଏହି ଯୋଜନା ହାତକୁ ନିଆଯିବ। ଏହି ନୂଆ ଆପ୍ଲିକେସନ କାର୍ଯ୍ୟକ୍ଷମ ହେବା ପରେ ଆପାର୍ଟମେଣ୍ଟ ଲୁଟ୍‌ରୁ ତ୍ରାହିମିଳିବ ବୋଲି ଆଶା କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜଧାନୀର ୩୦ଟି ଆପାର୍ଟମେଣ୍ଟର ୫୫ ଫ୍ଲାଟରୁ ଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଛି।

ଏହି ସବୁ ଆପାର୍ଟମେଣ୍ଟରୁ ୧୨ କୋଟିରୁ ଅଧିକ ଟଙ୍କା ଲୁଟ୍ ହୋଇଛି। ଏୟାରଫିଲ୍ଡର ସ୍ୱସ୍ତି ମନ୍‌ସନ୍, ପାହାଳ ଥାନା ଅଧୀନ କଲ୍ୟାଣି ହାଇଟ୍ସ, ଚନ୍ଦ୍ରଶେଖରପୁର ରୟାଲ ଗାର୍ଡେନ, ତୁଳସାଦେଈପୁର ସାଇ ନୀଳୟ, ଆରୁଆରେ ଏମ୍.ଜେ ଉଡ୍, ଇନ୍‌ଫୋସିଟିର ରାଜବଟିକା, ଭରତପୁରର ଶ୍ରୀକ୍ଷେତ୍ର ରେସିଡେନ୍ସି ଭଳି ବଡ଼ବଡ଼ ଆପାର୍ଟମେଣ୍ଟରେ ପଶି ଫ୍ଲାଟ୍‌ଗୁଡ଼ିକରୁ ଲୁଟେରା ଲୁଟ୍‌ପାଟ୍ କରିଛନ୍ତି। ଆପାର୍ଟମେଣ୍ଟର ଲୁଟ୍‌ର ଗୋଟିଏ କିମ୍ବା ଦୁଇଟି ମାମଲାର ପୁଲିସକୁ ସଫଳତା ମିଳିଥିବା ଅନେକ ମାମଲାରେ ପୁଲିସର ତଦନ୍ତ ଦିଗହରା ରହିଛି। କିଛି ଆପାର୍ଟମେଣ୍ଟରୁ ଚୋରି ସମୟର ଲୁଟେରାଙ୍କ ଫଟୋକୁ ନେଇ ପୋଷ୍ଟର୍ ପ୍ରସ୍ତୁତ କରି କିଛି ସ୍ଥାନରେ ଲଗାଇ ଚୁପ୍ ବସିଛି। ତେବେ ଏହାକୁ ରୋକିବା ପାଇଁ ଆଗକୁ ପାଦ ବଢ଼ାଇଛି କମିସନରେଟ୍ ପୁଲିସ।

### ଲୁଟିନେଲେ ବିବାହର ଶେଷ ସନ୍ତକ

ବିବାହ ସମୟରେ ଯୌତୁକରେ ସୁନାଗହଣା ଆଣିଥିଲେ। ଭୁବନେଶ୍ୱର ଜାଗା କିଣି ଘର କରିବା ସମୟରେ ଅର୍ଥର ଅଭାବ ଥିବାରୁ ପତ୍ନୀ ଆଣିଥିବା ସମସ୍ତ ସୁନାଗହଣା ବିକି ଦେଇଥିଲେ। ଆଉ ଶେଷ ସନ୍ତକ ସ୍ୱରୂପ ପତ୍ନୀଙ୍କ ଲାଗି ରାଣୀହାର ରଖିଥିଲେ। କିନ୍ତୁ ଗତ ଶନିବାର ବର୍ଷା ରିଭେର ଆପାର୍ଟମେଣ୍ଟ ଏକ ଫ୍ଲାଟ୍‌ରେ ରହୁଥିବା ଅଜିତ ପଲେଇଙ୍କ ଘରୁ ଚୋରି ହୋଇଥିଲା। ବିବାହର ଶେଷ ସନ୍ତକ ରାଣୀହାର ବି ଚୋରି ହୋଇଯାଇଛି। ଅଜିତ ପରିବାର ସହ ଘରକୁ ମାଙ୍କ ଶ୍ରାଦ୍ଧ ପାଇଁ ଯାଇଥିବା ବେଳେ ଲୁଟେରା ୭ ଲକ୍ଷ ଟଙ୍କାର ସୁନା ଗହଣା ଓ ଟଙ୍କା ନେଇଯାଇଛନ୍ତି।

# ପୁଣି କାର୍-ଖାନା ସିଲ୍

**ଭୁବନେଶ୍ୱର, ୧୯ ।୨(ସମିସ):** କାର୍-ଖାନାକୁ ନେଇ ବିବାଦ ଥମିବାର ନାଁ ଧରୁନି। ଏହାର ମାଲିକ ଦୁଇ ମହିଳା ପୂର୍ବରୁ ଅନ୍ୟ ଏକ ସ୍ଥାନରୁ ଟ୍ରେଡ୍ ଲାଇସେନ୍ସ ଆଣି ବିଏମ୍‌ସି ଅଞ୍ଚଳରେ ଖାଦ୍ୟ ବିକ୍ରି କରୁଥିବାରୁ ଏମାନଙ୍କ ଦୋକାନ ସିଲ୍ କରାଯାଇଥିଲା। ଏବେ ଅନ୍ୟ ଦୁଇଜଣଙ୍କୁ ମିଳିଥିବା ଭେଣ୍ଡିଂ ଜୋନ୍‌ରେ ବେଆଇନ୍ ଭାବେ ଖାଦ୍ୟ ବିକ୍ରି କରୁଥିବା ଅଭିଯୋଗରେ କାର୍-ଖାନାକୁ ସିଲ୍ କରିଛି ବିଏମ୍‌ସି। ପ୍ରଥମେ ଟ୍ରେଡ୍ ଲାଇସେନ୍ସ ବିବାଦରେ ଫସି ଏହି ଦୁଇ ମହିଳା ଆଇଜି ପାର୍କ ସାମ୍ନାରୁ ବିଦା ହେବା ପରେ ନୂତନ ଟ୍ରେଡ୍ ଲାଇସେନ୍ସ ଆବେଦନ କରି ସେହି ସ୍ଥାନରେ ଦୋକାନ ଖୋଲିବେ ବୋଲି କହିଥିଲେ। ହେଲେ କିଛିଦିନ ପରେ ସେମାନେ ଏହା ନ କରି

- **ଭଡ଼ାରେ ନେଇଥିଲେ ଭେଣ୍ଡିଂ ଜୋନ୍**
- **ମୂଳ ମାଲିକଙ୍କୁ ନୋଟିସ୍ ଜାରି**

ଅନ୍ୟମାନଙ୍କ ନାମରେ ଆଲର୍ଟ କରାଯାଇଥିବା ଭେଣ୍ଡିଂ ଜୋନ୍‌କୁ ଭଡ଼ା ସୂତ୍ରରେ ଆଣି ବ୍ୟବସାୟ ଆରମ୍ଭ କରିଥିଲେ। ଏହା ସମ୍ପୂର୍ଣ୍ଣଭାବେ ବେଆଇନ୍। ଅନ୍ୟ ଜଣଙ୍କୁ ଆଲର୍ଟ କରାଯାଇଥିବା ଭେଣ୍ଡିଂ ଜୋନ୍‌ରେ ସେମାନେ କିପରି ଦୋକାନ ଖୋଲୁଛନ୍ତି ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହୋଇଥିଲା। ଏହାର ସତ୍ୟାସତ୍ୟ ଯାଞ୍ଚ କରିବାକୁ ବିଏମ୍‌ସିର ଏକ ଟିମ୍ କାର୍-ଖାନା ନିକଟରେ ପହଞ୍ଚିଥିଲା। ଏଠାରେ କାରଖାନାର ପୋଷ୍ଟର୍ ଲାଗିଥିବା ସହ ଖାଦ୍ୟ ବ୍ୟବସାୟ





ମଧ୍ୟ କରାଯାଉଥିଲା। ଏହା ଦେଖିବା ପରେ ବିଏମ୍‌ସି ଅଧିକାରୀ ଭେଣ୍ଡିଂ ଜୋନ୍ ସମ୍ପର୍କିତ କାଗଜପତ୍ର ମାଗିଥିଲେ। ହେଲେ ସେମାନେ ଦେଖାଇ ନ ପାରିବାରୁ ଶେଷରେ ଦୋକାନକୁ ସିଲ୍ କରି ଦିଆଯାଇଛି। ଅନ୍ୟପକ୍ଷରେ ଭେଣ୍ଡିଂ ଜୋନ୍ ନମ୍ବର ୮୯ ଓ ୯୦ର ମୂଳ ମାଲିକ ଧଳେନ୍ଦ୍ର ଓଝା ଓ ଅଜୟ ଦାସଙ୍କୁ ବିଏମସି ସୋ-କଜ୍ ନୋଟିସ୍ ଜାରି କରିଛି ବୋଲି ମାର୍କେଟିଂ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉଭୟ ଭେଣ୍ଡିଂ ଜୋନ ମାଲିକ ବିଏମ୍‌ସି ପକ୍ଷରୁ ରଖାଯାଇଥିବା ସର୍ତ୍ତ ଖିଲାପ କରିଛନ୍ତି। କାହିଁକି ବିଏମ୍‌ସି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବ ନାହିଁ ବୋଲି ଉତ୍ତର ରଖିବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ନ ରଖିଲେ ଉକ୍ତ ଭେଣ୍ଡିଂ ଜୋନ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି।

# ପୁଣି ୩.୮ ଲକ୍ଷ ଲୁଟିନେଲେ ସାଇବର୍ ଠକ

**ଭୁବନେଶ୍ୱର, ୧୯ ।୨(ସମିସ):** ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଖି ନିଜକୁ ଆର୍ମି ଅଫିସର ପରିଚୟ ଦେଇ ଘରଭଡ଼ା ମାଗୁଛନ୍ତି ସାଇବର୍ ଠକ। ଆଉ ସେହି ଆଳରେ ଲୋକଙ୍କଠାରୁ ଠକିନେଉଛନ୍ତି ଲକ୍ଷଲକ୍ଷ ଟଙ୍କା। ଗୁରୁବାର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ରାହୁଲ ଜେନାଙ୍କ ଠାରୁ ୮୦ ହଜାର ଟଙ୍କା ଠକି ନେଇଛନ୍ତି ସାଇବର୍ ଠକ। ପଟିଆର ବିନୋଦଙ୍କ ଠାରୁ ୨୦ ହଜାର ଟଙ୍କା ଠକି ନେଇଥିବା ବେଳେ କାନନ ବିହାରର ୨ଜଣଙ୍କଠାରୁ ୩ଲକ୍ଷ ୮୦ ହଜାର ଟଙ୍କା ଠକି ନେଇଛନ୍ତି ସାଇବର୍ ଠକ। ସୂଚନା ଅନୁସାରେ, କାନନ ବିହାରରେ ରହୁଥିବା ରାହୁଲ ଏବଂ ବିନୋଦଙ୍କ ଦୁଇ ଜଣ ବ୍ୟକ୍ତି ତାଙ୍କର ଘର ଭଡ଼ାକୁ ଲଗାଇବା ପାଇଁ ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇଥିଲେ। ଏହି ବିଜ୍ଞାପନ ଦେଖି ସାଇବର ଠକ ନିଜକୁ ଆର୍ମିର୍ ଅଫିସର ବୋଲି ପରିଚୟ ଦେଇ ଅନ୍‌ଲାଇନ୍‌ରେ ଘର ଭଡ଼ା ପେମେଣ୍ଟ କରିବେ ବୋଲି କହିଥିଲା। ତେଣୁ ଘର ମାଲିକଙ୍କ ମୋବାଇଲ୍ ନମ୍ବରକୁ ଏକ୍ ଲିଙ୍କ୍ ପଠାଇଥିଲେ। ଠକ କଥାରେ ବିଶ୍ୱାସ କରି ଉକ୍ତ ଲିଙ୍କ୍ ଖୋଲି ଘର ମାଲିକ ୧୦ ଟଙ୍କା ରିଚାର୍ଜ କରିବା ପରେ ତାଙ୍କ ଆକାଉଣ୍ଟରୁ ଟଙ୍କା କଟି ଯାଇଥିଲା। ତାଙ୍କ ଆକାଉଣ୍ଟରୁ ୨ଲକ୍ଷ ୧୨ହଜାର ଟଙ୍କା କଟି ଯାଇଥିବା ବେଳେ ଅନ୍ୟ ଜଣଙ୍କ ଆକାଉଣ୍ଟରୁ ୧ଲକ୍ଷ ୮୦ ହଜାର ଟଙ୍କା କଟି ଯାଇଥିଲା। ଗତ ଏକ ସପ୍ତାହରେ ରାଜଧାନୀରେ ଏଭଳି ଭାବେ ୧୨ଟି ଠକେଇ ହେଲାଣି।

## ଧଳା ଜହର ବେପାରୀ ଗିରଫ

**ବାଲିଅନ୍ତା,୧୯ ।୨(ସମିସ):** ବାଲିଅନ୍ତା ଥାନା ପୁଲିସ ସୋମବାର ଚୋରା ଧଳା ଜହର କାରବାର ମାମଲାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବେପାରୀ ହେଲା ପୁରୀ ଜିଲ୍ଲା କୁମ୍ଭାରପଡା ଥାନା ଅଧୀନ ଅବକାଶ ଲେନ ଅଞ୍ଚଳର ଶଙ୍କର ଭୋଇ (୨୦)। ତେବେ କୋର୍ଟରେ ଶଙ୍କର ଜାମିନ ଖାରଜ ହୋଇଯିବାରୁ ଝଟପଡ଼ା ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ, ବାଲିଅନ୍ତା ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ପେଟ୍ରୋଲିଂ ଟିମ୍ ବାଲିଅନ୍ତା ସାଇଫନ ଛକ ନିକଟରେ ଅତର୍କିତ ଚଢ଼ଉ କରିବା ସହିତ ବେଆଇନ ବ୍ରାଉନ୍‌ସୁଗାର ହେପାଜତରେ ରଖି ବିକ୍ରୟ କରିବା ଅଭିଯୋଗରେ ଅଭିଯୁକ୍ତ ଶଙ୍କରକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନ୍‌ଭିନ ସମୟରେ ପୁଲିସ ଅଭିଯୁକ୍ତଙ୍କ ନିକଟରୁ ମୋଟ ୧୦.୦୪ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଥିଲେ। ପଚରାଉଚରା ସମୟରେ ଶଙ୍କର ବେଆଇନ ବ୍ରାଉନ୍‌ସୁଗାର ବିକ୍ରି ନେଇ ନିଜର ଅପରାଧ ସ୍ୱୀକାର କରିଥିବା ବେଳେ ଏହି ବ୍ରାଉନ୍‌ସୁଗାରକୁ ସେ ବାଲେଶ୍ୱର ଅଞ୍ଚଳରୁ ସଂଗ୍ରହ କରି ଆଣିଥିବା ପୁଲିସକୁ କହିଥିଲା। ଏହି ଘଟଣାକୁ କେନ୍ଦ୍ରକରି ବାଲିଅନ୍ତା ଥାନା ପୁଲିସ ଏକ ବେଆଇନ ବ୍ରାଉନ୍‌ସୁଗାର ବିକ୍ରିଜନିତ ମାମଲା ରୁଜୁ କରିବା ସହିତ ଶଙ୍କରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗାଡ଼ି ଭଡ଼ାରେ ଦେଇ ମାଲିକ ହଟହଟା

**ଭୁବନେଶ୍ୱର, ୧୯ ।୨(ସମିସ):** ରାଜଧାନୀରେ ଗାଡ଼ି ଭଡ଼ାରେ ଲଗାଇ ହଟହଟା ହୋଇଛନ୍ତି ପାହାଳ ଥାନା ଅଧୀନ ଉତ୍କଳ ହାଇଟ୍ସ ଆପାର୍ଟମେଣ୍ଟରେ ରହୁଥିବା ସଂଗ୍ରାମ ରାଉତ। ସଂଗ୍ରାମ ୨୦୨୨ ମସିହାରେ ଜଣେ ଭଦ୍ର ବ୍ୟକ୍ତିଙ୍କୁ ଗାଡ଼ ଭଡ଼ାରେ ଦେଇଥିଲେ। ଗାଡ଼ି ନେଲା ବେଳେ ଭଦ୍ରବ୍ୟକ୍ତି ଜଣଙ୍କ ତାଙ୍କର ଡ୍ରାଇଭିଂ ଲାଇସେନ୍ସର ନକଲ ସଂସ୍ଥାରେ ଦେଇଥିଲେ। ମାତ୍ର କିଛିଘଣ୍ଟା ପରେ ଗାଡ଼ିଟି ଇନଫୋସିସ ଥାନା ଅଧୀନରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ସେଥିରେ ଡ୍ରାଇଭର୍ ଜଣଙ୍କ ବିନା ଲାଇସେନ୍ସ ଓ ମାଦକ ଦ୍ରବ୍ୟ ସେବନ କରି ଚଳାଇ ଗାଡ଼ିକୁ ଦୁର୍ଘଟଣା ଗ୍ରସ୍ତ କରିଥିବା ଜଣା ପଡ଼ିଥିଲା। ଏହାପରେ ଘରୋଇ ଟ୍ୟାକ୍ସି ସଂସ୍ଥାର କର୍ମଚାରୀମାନେ ଗାଡ଼ିଟିକୁ ଥାନାରୁ ନେଇ ଏକ ଗ୍ୟାରେଜରେ ମରାମତି ପାଇଁ ଦେଇଥିଲେ। ଦୀର୍ଘ ୨ ବର୍ଷ ହେଲେ ସୁଦ୍ଧା ସଂଗ୍ରାମ ଗାଡ଼ିର ପତ୍ତା ନ ପାଇ ସଂସ୍ଥା ସହିତ ଯୋଗାଯୋଗ କରିଥିଲେ। ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀମାନେ କିଛି ନ ବୁଝିବାରୁ ସଂଗ୍ରାମ ଚନ୍ଦ୍ରଶେଖରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ମାର୍‌ପିଟ୍ ମାମଲାରେ ୪ ଗିରଫ

**ଭୁବନେଶ୍ୱର, ୧୯ ।୨(ସମିସ):** ବାଇକ୍ ଧକ୍କାକୁ କେନ୍ଦ୍ରକରି ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ସେମାନେ ହେଲେ ଖଣ୍ଡୁଆଳବସ୍ତିର ରାଜେଶ ବେହେରା ଓ ସୋମନାଥ ସାହୁ। ସେମାନଙ୍କ ଠାରୁ ବାଇକ୍ ଓ ମାରଣାସ୍ତ୍ର ଜବତ ହୋଇଛି। ପୁଲିସ କହିବା ଅନୁଯାୟୀ, ଦୁଇଦିନ ତଳେ ସୁନ୍ଦରପଦାର ଜଗନ ସାହୁ ଘରକୁ ଫେରୁଥିବା ସମୟରେ କାଳୁଶୁଣି ମନ୍ଦିର ନିକଟରେ ଦୁଇ ଅଭିଯୁକ୍ତଙ୍କ ସହ ବାଇକ ଧକ୍କା ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିବା ସହ ଠେଲାପେଲା ହୋଇଥିଲେ। ସେହିଦିନ ସନ୍ଧ୍ୟାରେ ଜଗନ ଯାଉଥିବା ସମୟର ତାଙ୍କୁ ରାଜେଶ, ସୋମନାଥ ଓ ୫ରୁ ୭ଜଣ ସହଯୋଗୀ ଅଟକାଇଥିଲେ। ଏକ ମାରଣାସ୍ତ୍ରରେ ଜଗନଙ୍କ ହାତକୁ ଏକ ଚୋଟ ପକାଉଥିଲେ। ଏଥିରେ ତାଙ୍କ ହାତର ଆଙ୍ଗୁଠି କଟିଯାଇଥିବା ବେଳେ ସମସ୍ତ ଅଭିଯୁକ୍ତ ଛତ୍ରଭଙ୍ଗ ଦେଇଥିଲେ। ଜଗନକୁ ଉଦ୍ଧାର କରି ସ୍ଥାନୀୟଲୋକେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେହିପରି ଆଉ ଏକ ମାର୍‌ପିଟ୍ ମାମଲାରେ ଲକ୍ଷ୍ମୀସାଗର ଥାନା ପୁଲିସ ଏଲ୍. ପ୍ରଭାସ ଓ ଉଦୟ ଦାସକୁ ଗିରଫ କରିଛି।

## ୨ ଗଞ୍ଜେଇ ବେପାରୀ ଗିରଫ

ଭୁବନେଶ୍ୱର, ୧୯ ।୨(ସମିସ): ରେଳରେ ଯାତ୍ରୀ ବେଶରେ ଗଞ୍ଜେଇ ଚାଲାଣ କରୁଥିବା ୨ ବେପାରୀଙ୍କୁ ଗିରଫ କରିଛି ଜିଆର୍‌ପି। ସେମାନେ ହେଲେ ଅନୁଗୋଳର ବୃକୋଦର ତାଣ୍ଡିଆ ଓ ବୌଦ୍ଧର ସୀତାଂଶୁ କଅଁର। ସେମାନଙ୍କ ଠାରୁ ୧୩ କିଲୋ ଗଞ୍ଜେଇ ଜବତ ହୋଇଛି। ସେମାନେ ଓଡ଼ିଶାକୁ ଗଞ୍ଜେଇ ନେଇ ଯାତ୍ରୀ ବେଶରେ ଯାଉଥିବା ବେଳେ ଲଗେଜ୍ ସ୍କାନରରେ ଧରା ପଡ଼ିଯାଇଥିଲା। ବ୍ୟାଗ୍ ଛାଡ଼ି ପଳାଉଥିବା ବେଳେ ଦୁଇ ଜଣକୁ କାବୁକରି ନେଇଥିଲା ଜିଆର୍‌ପି।

# ଆଇନ ଫାନ୍ଦରେ ନିଶାସକ୍ତ ଯୁବପିଢ଼ି

**ଭୁବନେଶ୍ୱର, ୧୯ ।୨(ସମିସ):**

ଏଣିକି ଆଇନ ଫାନ୍ଦରେ ଫସିବେ ନିଶାସକ୍ତ ଯୁବକ। ନିଶାସକ୍ତ ଅବସ୍ଥାରେ ଧରାପଡ଼ିଲେ ଜରିମାନା ନ ନେଇ ସେମାନଙ୍କ ନାମରେ ନିକଟସ୍ଥ ଥାନାରେ ମାମଲା ରୁଜୁ ହେବ। ମାମଲା ରୁଜୁହେବା ପରେ ବିଦେଶରେ ଯାଇ ପାଠପଢ଼ାରେ ଅଙ୍କୁଶ ଲାଗିବ। ଏମିତିକି ସମ୍ପୃକ୍ତ ଛାତ୍ରଙ୍କୁ ପାସ୍‌ପୋର୍ଟ ମିଳିବନି। ଏହିକ୍ରମରେ ଦ୍ୱୈତନଗରୀରେ ମଦ୍ୟପ ଚାଳକଙ୍କ ବିରୋଧରେ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ



ଜାରିରହିଛି। ମାତ୍ର ଦ୍ୱୈତନଗରୀରେ ଧରାପଡୁଥିବା ନିଶାସକ୍ତ ଚାଳକଙ୍କ ମଧ୍ୟରୁ ୭୦ ପ୍ରତିଶତ ଯୁବପିଢ଼ି। ତେଣୁ ଏହାକୁ ଆହୁରି କଡ଼ାକଡ଼ି କରିବା ସହ ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରଖିବାକୁ ସମସ୍ତ ଚେଷ୍ଟା କରାଯାଉଛି। ସେହିପରି ମଦ ପିଇ ଗାଡ଼ି ଚଲେଇ ଧରାପଡ଼ିଲେ ପୁଲିସ ମାମଲା ରୁଜୁ କରୁଛି। ପାଠପଢ଼ା କିମ୍ବା ଚାକିରି ସମୟର ସମ୍ପୃକ୍ତ ସଂସ୍ଥା ଯାଞ୍ଚ କଲେ ଯୁବପିଢ଼ି ଅସୁବିଧାରେ ପଡ଼ିବେ ବୋଲି ପୁଲିସ କମିସନର୍ ସଞ୍ଜିବ ପଣ୍ଡା ସୂଚନା ଦେଇଛନ୍ତି।

- **ମିଳିବନି ପାସ୍‌ପୋର୍ଟ; ଉଚ୍ଚଶିକ୍ଷାରେ ଲାଗିବ ଅଙ୍କୁଶ**
- **ଦ୍ୱୈତନଗରୀରେ ରୁଜୁ ହେଲାଣି ୪୬୮ ମାମଲା**
- **ମଦ ପିଇ ୧୨୧; ରଙ୍ଗ୍‌ରୁଟ୍‌ରେ ୨୨୬ ମାମଲା**

ତଥ୍ୟ ଅନୁଯାୟୀ, ଫେବୃଆରୀରୁ ଏବେ ସୁଦ୍ଧା ଦ୍ୱୈତନଗରୀରେ ୪୬୮ ମାମଲା ହୋଇଛି। ମଦ ପିଇ ଗାଡ଼ି ଚଳାଇ ୧୨୧ଟି ମାମଲା, ବିପରୀତ ଦିଗ (ରଙ୍ଗ୍‌ରୁଟ୍)ରେ ଗାଡ଼ି ଚଳାଇବାରୁ ୨୨୬ଟି ମାମଲା, ନାଳିବତି ଡେଇଁବାରେ ୫୩ଟି ମାମଲା, ମୋବାଇଲ ଫୋନ୍‌ରେ ଗପି ଗାଡ଼ି ଚଳାଉଥିବାରୁ ୬୮ଟି ମାମଲା ରୁଜୁ ହୋଇଛି। ଏଥିସହ ଟ୍ରାଫିକ୍‌ର ସମସ୍ତ ନିୟମ ଭାଙ୍ଗୁଥିବା ବେପରୁଆ ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

ମଦ୍ୟପ ଚାଳକଙ୍କ ବିରୋଧରେ ଦ୍ୱୈତନଗରୀର ୨୦ ଥାନା ଅଞ୍ଚଳରେ ଚଢ଼ଉକୁ ଜୋରଦାର କରାଯାଉଛି। ଭୁବନେଶ୍ୱର ସହରାଞ୍ଚଳର ଲକ୍ଷ୍ମୀସାଗର, ବଡ଼ଗଡ଼, ଜଟଣୀ, ଖଣ୍ଡଗିରି, ସହିଦନଗର, ଖାରବେଳନଗର, କ୍ୟାପିଟାଲ, ଚନ୍ଦ୍ରଶେଖପୁର ଓ ଇନ୍‌ଫୋସିଟି ଏବଂ ନୂଆପଲ୍ଲୀ ଥାନା ରହିଥିବା କଟକ ସହରାଞ୍ଚଳର ମଙ୍ଗଳାବାଗ୍, ଚୌଦ୍ୱାର, ମଧୁପାଟଣା, ମର୍କତନଗର, କ୍ୟାଣ୍ଟିନମେଣ୍ଟ, ବିଡ଼ାନାସୀ, ବାରଙ୍ଗ, ବାଦାମବାଡ଼ି, ମାଲଗୋଦାମ ଓ ଜଗତପୁର ଥାନା ଅଞ୍ଚଳରେ ଧରପଗଡ଼କୁ ବ୍ୟାପକ କରାଯାଉଛି। ମଦ୍ୟପ ଚାଳକ ଧରାପଡ଼ିଲେ ଗାଡ଼ି ଜବତ ହେବା ସହ ଲାଇସେନ୍ସ ବାତିଲ୍ କରାଯାଉଛି ବୋଲି ସିପି କହିଛନ୍ତି।

### ୧୪ ରାସ୍ତାକୁ 'ନୋ ପାର୍କିଂ ଜୋନ୍'

ସହରରେ ଦେଖାଉଥିବା ଉତ୍କଟ ଟ୍ରାଫିକ ସ୍ଥିତିକୁ ସଜାଡ଼ିବା ଲାଗି ନୂଆ ଯୋଜନା କରିଛି ଟ୍ରାଫିକ ପୁଲିସ। କେଉଁଟା ସଫଳତାର ଶିଖର ଛୁଉଁଛି ତ ଆଉ କେଉଁଟା ଅଧାରୁ ଅଟକି ଯାଉଛି। କିନ୍ତୁ ନୂଆନକ୍ସା ପ୍ରସ୍ତୁତ କରି ଭୁବନେଶ୍ୱରକୁ ଅନ୍ୟ ମେଟ୍ରୋସିଟି ଭଳି ତୁଳନା କରିବାରେ କମିସନରେଟ୍ ପୁଲିସ ଉଦ୍ୟମ ଚଳାଇଛି। ସହରରେ ଭିଡ଼ ହେଉଥିବା ୧୪ଟି ରାସ୍ତାକୁ 'ନୋ ପାର୍କିଂ ଜୋନ' ଭାବେ ଘୋଷଣା କରାଯାଇଛି। ପୁଲିସର କହିବା କଥା, ସୁର୍ କମ୍ପାନୀ ଠାରୁ ଗଙ୍ଗନଗର, ୟୁନିଟ୍-୧ ଓ ୨ ମାର୍କେଟ. ରାଜମହଲ ଠାରୁ ଫାଳିକିଆ ବଜାର, ୧୨୦ ବାଟାଲିୟନ ଠାରୁ ରବୀନ୍ଦ୍ର ମଣ୍ଡପ, ଆର୍‌ଟିଓ ଅଫିସ ସାମ୍ନା, ଜୟଦେବ ବିହାରରୁ ଡମଣା ଛକ, ଡମଣା ଛକରୁ ନନ୍ଦନକାନାନ ଓ ରିଜର୍ଭ ସାଇଟ୍, ନାଲ୍‌କୋ ଛକ ଠାରୁ ଆଚାର୍ଯ୍ୟବିହାର ଓ ରିଜର୍ଭ ସାଇଟ୍, ନାଲ୍‌କୋ ଛକରୁ ଉତ୍କଳ ହସ୍ପିଟାଲ ଭାୟା କଳିଙ୍ଗ ହସ୍ପିଟାଲ, ସିଆର୍‌ପି ଛକରୁ ଷ୍ଟିୱାର୍ଟ ସ୍କୁଲ ରାସ୍ତା, ଫାୟାରଷ୍ଟେସନରୁ ପଟାସ୍ ଛକ, ଆଇଗଣିଆ ଅଣ୍ଡରପାସ୍‌ରୁ ଖଣ୍ଡଗିରି ଓଭରବ୍ରିଜ, ବରମୁଣ୍ଡା କଳାମନ୍ଦିରରୁ ଖଣ୍ଡଗିରି ଓଭରବ୍ରିଜ ପର୍ଯ୍ୟନ୍ତ ନୋ୍ ପାର୍କିଂ କରିବାକୁ ଯୋଜନା ହେଉଛି।

## ବଦଳିଲେ ୨ ଏସିପି ୩ ଇନ୍ସପେକ୍ଟର୍

**ଭୁବନେଶ୍ୱର, ୧୯ ।୨(ସମିସ):** ସିପି ମୁଖ୍ୟାଳୟରେ ଥିବା ଏସିପି ଶରତ କୁମାର ସାହୁଙ୍କୁ ଏସିପି ଆଇବି ଏବଂ ସିପି ଅଫିସର ପିଆର୍‌ଓ ଭାବେ ବଦଳି କରାଯାଇଛି। ସେହିପରି ସିପି ମୁଖ୍ୟାଳୟରେ ଥିବା ବାସନ୍ତୀ କୁମାରୀ ନାୟକଙ୍କୁ ଏସିପି ପ୍ରସନାଲ ସେକ୍ସନକୁ ବଦଳି କରାଯାଇଛି। ସେହିପରି ଇନ୍ସପେକ୍ଟର ବିଜୟନୀ ମଲ୍ଲଙ୍କୁ ଜୁଡିସିଆଲ ସେକ୍ସନ୍‌କୁ ବଦଳି କରାଯାଇଛି। ସ୍ପେଶାଲ କ୍ରାଇମ୍ ୟୁନିଟ୍‌ରେ ଥିବା ନିରଞ୍ଜନ ଦାଶଙ୍କୁ ଲାଇସେନ ସେଲ ଏବଂ ସ୍ପେଶାଲ କ୍ରାଇମ୍ ୟୁନିଟ୍‌ରେ ଥିବା ଇନ୍ସପେକ୍ଟର ମଧବାନନ୍ଦ ବସ୍ତିଆକୁ ରିଜର୍ଭ ସେକ୍ସନକୁ ବଦଳି କରାଯାଇଛି।

## ବାସୁଆଘାଇ ବୁଲିଲେ ତ୍ରିସୁର ମେୟର୍

**ଭୁବନେଶ୍ୱର, ୧୯ ।୨(ସମିସ):** ପୁଣି ଭୁବନେଶ୍ୱରରେ କେରଳର ଜନପ୍ରତିନିଧି। କେରଳ ତ୍ରିସୁର ମହାନଗର ନିଗମର ମେୟର ଏମ୍‌କେ ଭର୍ଗିସଙ୍କ ସହ କିଛି ଜନ ପ୍ରତିନିଧି ବିଏମ୍‌ସି ଦ୍ୱାରା ପରିଚାଳିତ ବାସୁଆଘାଇ ୱେଲ୍‌ଥ ସେଣ୍ଟର ବୁଲି ଦେଖିଛନ୍ତି। ଏଠାରେ ସ୍ୱଚ୍ଛ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ଏହାସହ ଗୋଷ୍ଠୀ ସହଭାଗିତା, ପ୍ରଶାସନିକ ପରିଚାଳନାକୁ ପ୍ରଶଂସା କରିଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି।

# ରାଜଧାନୀରେ 'ଗାଙ୍ଗୁରାମ'; କେବେ, କେଉଁଠୁ

**ଭୁବନେଶ୍ୱର, ୧୯।୨(ସମିସ):** ବଜାରକୁ ମିଠା ଆଣିବାକୁ ଗଲେ ପ୍ରଥମେ ମନକୁ ଆସେ ଗାଙ୍ଗୁରାମ ନାଁ। ଏହା କେବଳ ରାଜଧାନୀ ନୁହେଁ ବରଂ ରାଜ୍ୟର ପ୍ରତ୍ୟେକ ସହରରେ ଏହି ଗାଙ୍ଗୁରାମ ମିଠାର ଚାହିଦା ରହିଛି। କିଛି ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ଟ୍ରେଣ୍ଡ କେବେଠୁ ଆରମ୍ଭ ହେଲା ଓ କାରଣ କ'ଣ ଜାଣିବା ନେଇ ମନକୁ ସ୍ୱତଃ ପ୍ରଶ୍ନ ଆସେ। ଏ ନେଇ ଅନେକ କଥା ଶୁଣିବାକୁ ମିଳୁଥିଲେ ହେଁ ସେଥିରେ କେତେ ସତ୍ୟତା ରହିଛି ତାହା ଏବେ ବି ଅନେକଙ୍କ ମନରେ ପ୍ରଶ୍ନ ହୋଇରହିଛି। ଦୁଇ ଦଶନ୍ଧୀ ପୂର୍ବେ ଏହି ନାମରେ ଅଳ୍ପକିଛି ଦୋକାନ ରହିଥିବାବେଳେ ଏବେ ଅଧିକାଂଶ ମିଠା ଦୋକାନ ଆଗରେ ଗାଙ୍ଗୁରାମ ବୋଲି ଲେଖା ଥିବା ଦେଖିବାକୁ ମିଳୁଛି। କେବଳ ରାଜଧାନୀରେ ପାଖାପାଖି ୪୦୦ରୁ ଅଧିକ ଏଭଳି ଦୋକାନ ରହିଛି। ସିଆର୍‌ପିଏଫ୍ ଛକରେ ମିଠା ଦୋକାନ କରିଥିବା ଗଣେଶ ତାଙ୍କ ଦୋକାନର ନାଁ ଦି ନିୟୁ ବେଙ୍ଗଲ ଗାଙ୍ଗୁରାମ ସୁଇଟ୍‌ସ ରଖିଛନ୍ତି। ଏହି ନାଁ ପଛର କାରଣ ତାଙ୍କୁ ପଚାରିବାରୁ ସେ ଉତ୍ତର ଦିଅନ୍ତି କି ଦୀର୍ଘ ୩୦ ବର୍ଷ ହେଲାଣି ତାଙ୍କର ଏହି ଦୋକାନ ରହିଛି। ଯାହାର ନାଁ ତାଙ୍କ ବାପା ରଖିଥିଲେ। ଏହା ପଛର କାରଣ ମଧ୍ୟ ସେ ତାଙ୍କ ବାପା ଦାଦାଙ୍କ ଅମଳରୁ ଶୁଣିଶୁଣି ଆସିଛନ୍ତି କି ଗାଙ୍ଗୁରାମ ନାଁରେ କୋଲକାତାର ଜଣାଶୁଣା ମିଠା ଦୋକାନୀ ଥିଲେ। ଯାହାଙ୍କ ମିଠାର ସ୍ୱାଦ ସହ





ଚାହିଦା କୋଲକାତା ସହ ଅନ୍ୟ ରାଜ୍ୟରେ ମଧ୍ୟ ରହିଛି। ସେଠାରୁ କିଛି ଓଡ଼ିଆ ତାଙ୍କ ସହ କାମ କରିବା ପରେ ଓଡ଼ିଶାରେ ଆସି ନିଜ ବ୍ୟବସାୟ କଲେ ଓ ଦୋକାନର ନା ଗାଙ୍ଗୁରାମ ରଖିଲେ। ଫଳରେ ବ୍ୟବସାୟ ମଧ୍ୟ ହେଲା। ସେହି ବିଶ୍ୱାସ ନେଇ ଏବେ ପ୍ରତ୍ୟେକ ଛକରେ ଏହି ନାଁ ଥିବା ଦୋକାନ ଦେଖିବାକୁ ମିଳେ ବୋଲି ସେ କହିଥିଲେ। ସେହିପରି ଜାଗମରାରେ ଥିବା ବ୍ୟବସାୟୀ ଶ୍ରୀକାନ୍ତଙ୍କ ଦୋକାନର ନାଁ ମା' ଲକ୍ଷ୍ମୀ ଗାଙ୍ଗୁରାମ। ସେ କୁହନ୍ତି ଏହି ଗାଙ୍ଗୁରାମ ନାଁ ପଛର କାରଣ ତାଙ୍କ ଜେଜେ କହିଥିଲେ ଯେ କୋଲକାତାର ଜଣେ ନାମକରା ମିଠା ଦୋକାନୀ ଗାଙ୍ଗୁରାମ ଥିଲେ। ଅନେକ ବର୍ଷ ତଳେ ଓଡ଼ିଶା ଆସି ଜଣେ ଓଡ଼ିଆଙ୍କ ଘରେ କିଛିଦିନ ରହିଥିଲେ। ଗଲାବେଳେ ନିଜ ମିଠାର ପଦ୍ଧତି ତାଙ୍କୁ କହିଦେଇ ଯାଇଥିଲେ। ପରେ ପରେ ସେହି ଓଡ଼ିଆ ଜଣକ ନିଜର ମିଠା ଦୋକାନ ଖୋଲି ଗାଙ୍ଗୁରାମ ରଖିଥିଲେ। ତେବେ ପ୍ରକୃତରେ ଏହି ନାଁ ସହ ଅଧିକାଂଶ ଗାଙ୍ଗୁରାମ ମିଠା ଦୋକାନର କୌଣସି ସାମଞ୍ଜସ୍ୟ ନ ଥାଇ ବି ଏଭଳି ନାମରେ ଦୋକାନ ଖୋଲିଥିବା ଅନୁମାନ କରାଯାଏ। ଯାହାକି ଏକ ଟ୍ରେଣ୍ଡ ପାଲଟିଗଲାଣି। ଗାଙ୍ଗୁରାମ ମିଠା ଦୋକାନରେ କାର୍ଟୁନ୍‌ରେ ମିଠା ପାର୍ସଲ ଦିଆଯାଇଥାଏ। ଯେଉଁଧାରା ପ୍ରଥମେ ଗାଙ୍ଗୁରାମରୁ ଆରମ୍ଭ ହୋଇଥିଲା ବୋଲି ଅନେକ କୁହନ୍ତି। ତେବେ ଗାଙ୍ଗୁରାମ ମିଠାଦୋକାନ ପଛରେ ଅନ୍ୟଏକ ସାମଞ୍ଜସ୍ୟ ହେଉଛି ସବୁ ଗାଙ୍ଗୁରାମ ଦୋକାନରେ ମିଠା ସହ ବରା, ସିଙ୍ଗଡ଼ା ଓ ଆଳୁଚପ ମଧ୍ୟ ବିକ୍ରି ହୋଇଥାଏ। ଅପରପକ୍ଷେ ଯଦିବା ରାଜଧାନୀରେ ନରୁଲା, ଛପନଭୋଗ ଭଳି ବଡ଼ବଡ଼ ମିଠା ଦୋକାନ ଖୋଲିଲାଣି ଏବେ ବି ଗାଙ୍ଗୁରାମ ଛାପ ଅନେକଙ୍କ ମନରୁ ଲିଭିନାହିଁ। ମଧ୍ୟବିତ୍ତ ପରିବାର ଲୋକେ ଗାଙ୍ଗୁରାମ ମିଠା ନେବା ପାଇଁ ପସନ୍ଦ କରିଥାନ୍ତି।



## ଆସ ବୁଲିଯିବା ଖଣ୍ଡଗିରି

# ୫ ପେଣ୍ଡାଲରେ ହେଲା ବହି ରିପିଟ୍

**ଖଣ୍ଡଗିରି କୁମ୍ଭମେଳାର ୪ର୍ଥ ଦିନରେ ପାହାଡ଼ ପାଦଦେଶ ହୋମଯଜ୍ଞରେ ପ୍ରକମ୍ପିତ ହେଉଥିବା ବେଳେ ସାଧୁସନ୍ଥଙ୍କୁ ଦର୍ଶନ କରିବା ପାଇଁ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି । ସେହିଭଳି ମେଳା ପରିସରରେ ଥିବା ଦୋକାନବଜାର ଓ ମୀନାବଜାରରେ ଭିଡ଼ ଦେଖିବାକୁ ମିଳୁଛି । ତେବେ ରବିବାରଠାରୁ ଆରମ୍ଭ ହୋଇଥିବା ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ୫ଟି ଯାତ୍ରାପାର୍ଟି ସଫଳତାର ସହ ନାଟକ ପରିବେଷଣ କରି ଚାଲିଛନ୍ତି । ଯେଉଁଥିପାଇଁ ଦ୍ୱିତୀୟ ସନ୍ଧ୍ୟାରେ ପାର୍ଟିଗୁଡ଼ିକ ସମାନ ନାଟକକୁ ରିପିଟ୍ କରିଛି ।**



ଭୁବନେଶ୍ୱର, ୧୯।୨ (ସମିସ):

ଧୀରେ ଧୀରେ ଜମୁଛି ଖଣ୍ଡଗିରି ଯାତ୍ରା ମହାକୁମ୍ଭ। ପ୍ରସିଦ୍ଧ କୁମ୍ଭମେଳାକୁ ୪ ଦିନ ପୂରି ଯାଇଥିବାବେଳେ ଦ୍ୱିତୀୟ ଦିନରେ ପହଞ୍ଚିଛି ଯାତ୍ରା ମହାକୁମ୍ଭ। ପ୍ରଥମ ରାତିର ସଫଳତା ପରେ ୫ଟି ଯାକ ଅପେରା ପାର୍ଟି ଦ୍ୱିତୀୟ ଦିନରେ ମଧ୍ୟ ସେଇ ନାଟକକୁ ନେଇ ମଞ୍ଚକୁ ଓହ୍ଲାଇଛନ୍ତି। କାହାଣୀ ମନ ଛୁଉଁଥିବା ବେଳେ ଯଲିଉଡ ତାରକାଙ୍କ ଅଭିନୟ ଦର୍ଶକଙ୍କ ମନ ମୋହୁଛି। କଣ୍ଠଶିଳ୍ପୀଙ୍କ ସଙ୍ଗୀତ ସାଙ୍ଗକୁ ଷ୍ଟେଜ ବ୍ଲାଷ୍ଟିଂ ରେକର୍ଡ଼ ଡ୍ୟାନ୍ସ ଦର୍ଶକଙ୍କୁ ରାତି ଅଧରେ ମତୁଆଲା କରୁଛି । ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଗୌରୀ ଗଣନାଟ୍ୟ ଦ୍ୱିତୀୟ ଦିନରେ ମଧ୍ୟ ରାଣୀ ପଣ୍ଡାଙ୍କ ଜୀବନର ବାସ୍ତବ ଘଟଣାକୁ ନେଇ ପ୍ରସ୍ତୁତ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ନାଟକ ପରିବେଷଣ କରିଛି। ହରେକୃଷ୍ଣ ମହତାବ



ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ମଞ୍ଚରେ ଅପେରା ସାଇ ସମ୍ରାଟର ସମାନ ନାଟକ ଅନୁଷ୍ଠିତ ହୋଇଛି । ଦ୍ୱିତୀୟ ରାତିରେ "ଦେବଦାସୀ ହେବି ତୋରି ପାଇଁ" ନାଟକ ପରିବେଷଣ ହୋଇଛି । ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ମଧ୍ୟ 'କାନ୍ଦେନାରେ ବାଇଆ ମନ' ନାଟକକୁ ରିପିଟ କରିଛି। ସେହିପରି ମଙ୍ଗଳା ଯୁବ ପରିଷଦ (ଖଣ୍ଡଗିରି-ଜାଗମରା) ମଞ୍ଚରେ ମା ଦୁର୍ଗା ମନ୍ଦିର ମଧ୍ୟ ସମାନ ନାଟକ ପରିବେଷଣ କରିଛି। 'କାନ୍ଦେନାରେ ଲୁହ ସରିଯିବ' ନାଟକକୁ ନେଇ ଦ୍ୱିତୀୟ ଦିନରେ ମଇଦାନକୁ ଓହ୍ଲାଇଛି । ରୁଦ୍ର, ହୃଷି ଓ ମାମା ଓ ଖଳନାୟକ ଲକ୍ଷ୍ମୀଧରଙ୍କ ଦମଦାର ଅଭିନୟ ଦେଖିବାକୁ ମିଳିଛି । ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ "ସେଇ ଗୋଟିଏ ଭୁଲ୍ ପାଇଁ" ନାଟକକୁ ପୁଣି ରିପିଟ କରିଛି । ଚର୍ଚ୍ଚିତ ଖଳନାୟକ ଦୈତାରି ପଣ୍ଡାଙ୍କ ଓ ରତି-ମିଟୁନା ଓ ମୁନା-ରୂପା ଯୋଡ଼ିଙ୍କ ନିଖୁଣ ଅଭିନୟ ଦର୍ଶକୀୟ ଆଦୃତି ଲାଭ କରିଛି ।



## ଆଜିର କାହାଣୀ 'ଦେବଦାସୀ'

ଜଗନ୍ନାଥ ଓ ଜଣେ ମହିଳା ଭକ୍ତର ଭାବଗତ ସମ୍ପର୍କକୁ ନେଇ ପ୍ରସ୍ତୁତ ହୋଇଛି ନାଟକ 'ଦେବଦାସୀ'। ଅନେକ ଘାତପ୍ରତିଘାତ ସତ୍ତ୍ୱେ ପିଲାଦିନର ସ୍ୱପ୍ନ କିପରି ସାକାର ହେଉଛି ତାହା ନାଟକରେ ଦେଖିବାକୁ ପାଇଛନ୍ତି ଦର୍ଶକ। ଗୋଟିଏ ଝିଅ ପିଲାବେଳୁ ଜଗନ୍ନାଥଙ୍କୁ କେତେ ଭକ୍ତି କରେ ତାହା ନାଟକରେ ଦେଖିବାକୁ ମିଳିଛି। ଚରିତ୍ର 'ମୀରା' ଛୋଟବେଳୁ ଦେବଦାସୀ ହେବାର ସ୍ୱପ୍ନ ଦେଖୁଛି। ଜଗନ୍ନାଥଙ୍କ ଆଗରେ ଦେବଦାସୀ ହୋଇ ନାଚିବାର ସ୍ୱପ୍ନ ଦେଖୁଛି। ନିଜ ବାପାଙ୍କ ଠାରୁ ଆରମ୍ଭ କରି ପରିବାର ଓ ପରିବେଶ ସମସ୍ତେ ଦେବଦାସୀ ହେବାର ସ୍ୱପ୍ନରେ ରୋକ୍ ଲଗାଇବାକୁ ଅନେକ ଚେଷ୍ଟା କରିଛନ୍ତି। 'ମୀରା' ମଝିରେ ମଝିରେ ଦେବଦାସୀ ହେବାର ଆଶା ହରାଉଛନ୍ତି। ପୁଣି ଜଗନ୍ନାଥ ଡୋରି ଲଗାଉଛନ୍ତି। ମୀରାଙ୍କ ବାପା ଛଳନା କରି ମୁସଲମାନ ଯୁବକଙ୍କ ସହିତ ବିବାହ କରି ଦେଉଛନ୍ତି। ହେଲେ ବାସର ରାତିରେ ସତକଥା ପଦାକୁ ଆସୁଛି। ମୁସଲମାନ ଯୁବକ ମୀରାଙ୍କୁ ବିଭିନ୍ନ ପ୍ରକାର ହଇରାଣ କରିବା ସହିତ ମାରିକି ନଦୀରେ ଫିଙ୍ଗି ଦେଇଛନ୍ତି। ସେଠାର ଜଣେ ବ୍ୟକ୍ତି ମୀରାଙ୍କୁ ଉଦ୍ଧାର କରି ଜଗନ୍ନାଥ ଓ ବଳଭଦ୍ରଙ୍କ ପାଖକୁ ନେଉଛନ୍ତି। ପରବର୍ତ୍ତୀ ସମୟରେ ମୁସଲମାନ ଯୁବକ ନିଜ ଭୁଲ୍ ବୁଝିପାରି ପଶ୍ଚାତାପ କରୁଛନ୍ତି। ଆଉ ମୀରାଙ୍କୁ ସାଙ୍ଗରେ ନେଇ ବଡ଼ଦାଣ୍ଡରେ ଚାଲିଚାଲି ଯାଉଛନ୍ତି। ଶେଷରେ ମୀରାଙ୍କ ପିଲାଦିନର ସ୍ୱପ୍ନ ବାସ୍ତବ ରୂପ ନେଉଛି। ସେ ଦେବଦାସୀ ହୋଇ ବଡ଼ଦାଣ୍ଡରେ ନୃତ୍ୟ କରୁଛନ୍ତି। 'ମୀରା' ଚରିତ୍ରରେ 'ଟିକିନା' ଙ୍କ ଅଭିନୟରେ ଦର୍ଶକଙ୍କ ଆଖିରେ ଲୁହ ଭରିଥିଲା।



**ସରିଲା ଖଣ୍ଡଗିରି-ଉଦୟଗିରି ମହୋତ୍ସବ**

# ଭକ୍ତିରେ ଭିଜାଇଲା 'ସିଏ ମୋ ଜଗନ୍ନାଥ'

ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଓ କଲ୍ୟାଣ ଆନୁକୂଲ୍ୟରେ ଖଣ୍ଡଗିରି ପାହାଡ଼ ପାଦଦେଶରେ ଚାଲିଥିବା ଖଣ୍ଡଗିରି-ଉଦୟଗିରି ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୩ ଦିନଧରି ରାଜଧାନୀବାସୀ ଏହି ମହୋତ୍ସବର ମଜା ନେଇଥିଲେ। ରାଉରକେଲାର ଆର୍‌ଡିଏକ୍ସ ଡ୍ୟାନ୍ସ ଗ୍ରୁପର ଶିବ 'ତାଣ୍ଡବ' ଗୀତରୁ ଆରମ୍ଭ ହୋଇଥିଲା ଉଦଯାପନୀ ଉତ୍ସବ। ପରେ ପରେ କଣ୍ଠଶିଳ୍ପୀ ଭାଗ୍ୟଶ୍ରୀ ମହାନ୍ତିଙ୍କ 'ମୋର ମନ ଉଡ଼ିଯାଏ ରେ', 'ଏ ଫୁଲ କହ ଥରେ' 'ଫୁର କିନା ଉଡ଼ିଗଲା ବଣି' ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଥିଲା। ସାଇ କଳା ସଂସଦ 'ଡାଲ ଖାଇରେ', 'ଏ ବଉଳ ଆଲୋ ବଉଳ' ଗୀତରେ ନୃତ୍ୟର ଆସର ଜମାଇଥିଲେ। କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନଙ୍କ କଣ୍ଠର 'ସିଏ ମୋ ଜଗନ୍ନାଥ' ଦର୍ଶକଙ୍କ ମଧ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଏଥିସହିତ 'ମୁଁ ପରଦେଶୀ ଚଢ଼େଇ', 'ହୃଦୟର ଏହି ଶୂନ୍ୟତାକୁ' ଗୀତର ଖୁବ୍ ମଜା ନେଇଥିଲେ ଦର୍ଶକ। ଅବିନାଶ ମଞ୍ଚ ତଳକୁ ଆସି ନିଜେ ନାଚିବା ସହିତ ଦର୍ଶକଙ୍କୁ ନଚାଇ ଥିଲେ। ସତ୍ୟଜିତଙ୍କ କଣ୍ଠରୁ 'ନିଶା ନିଶା ରାତି' ଦର୍ଶକଙ୍କ ମନରେ ନିଶା ଭରିଥିଲା। ଝୁମି ଥିଲେ ଦର୍ଶକ। ଉପସ୍ଥାପିକା ଅଙ୍କିତା ମହାନ୍ତି କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ମହୋତ୍ସବ ଅଧ୍ୟକ୍ଷ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ସନ୍ଧ୍ୟାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥାପିକା ଅଙ୍କିତା ଓ ସମସ୍ତ କଳାକାରଙ୍କୁ ମନ୍ତ୍ରୀ ଶ୍ରୀ ପଣ୍ଡା ପୁଷ୍ପଗୁଚ୍ଛ, ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସହ ସମ୍ପାଦକ ମନୋଜ କୁମାର ବେହେରା, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, ମହାମାୟା ସ୍ୱାଇଁ, ଛବି ଦାସ, କିରଣାଳା ମାଝୀ, ଶକିବା ମୁଷାରତ, ଦୀପକ ମିଶ୍ର, ଶ୍ରୀଧର ବେହେରା, ଅଜିତ୍ ବେହେରା, ଶିବ ରାୟ, ଶିବ ପ୍ରସାଦ ବେହେରା, ଓଡ଼ିଶା କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ଼ ସନ୍ତୋଷ ବେଜ, ଜିଲ୍ଲାପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ପୂର୍ବତନ କର୍ପୋରେଟର ସୁଜିତ୍ ସ୍ୱାଇଁ, ଅଶ୍ୱିନୀ ସୁନ୍ଦରାୟ, ହୃଦୟ ବଲ୍ଲଭ ସାମନ୍ତରାୟ, ସୀମା ନାୟକ, ରୁନୁ ଜେନା, ଦିଲ୍ଲୀପ ମାଝୀ, ରାଜେଶ ପାତ୍ର, ଶିବ ପ୍ରସାଦ ମହାପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



# ଛଅଟି କାଠିରେ ଭବିଷ୍ୟବାଣୀ



ଆଜିର ବିଜ୍ଞାନ ଯୁଗରେ ବି ଜ୍ୟୋତିଷ ଗଣନାକୁ ବିଶ୍ୱାସ କରୁଛନ୍ତି ଲୋକେ। ଯାହାର ଚିତ୍ର ଦେଖିବାକୁ ମିଳିଛି ଖଣ୍ଡଗିରି ମେଳାରେ। ଏବେବି ଅନେକ ସାଧୁସନ୍ଥମାନଙ୍କ ଭିବଷ୍ୟତବାଣୀକୁ ବିଶ୍ୱାସ କରୁଥିବା ଦେଖିବାକୁ ମିଳିଛି। ସେହି ବିଶ୍ୱାସର ଆଉ ଏକ ଚିତ୍ର ଦେଖିବାକୁ ମିଳିଥିଲା ରାଜୁ ବାବାଙ୍କ ନିକଟରେ। ସେ କାଠିରେ ନିର୍ଦ୍ଧରିତ କରୁଛନ୍ତି ଭିବଷ୍ୟବାଣୀ। ଏଥର ମେଳାରେ ଚର୍ଚ୍ଚାରେ ରହିଛନ୍ତି କାଠି ବାବା। ୬ଟି ବାଉଁଶ କାଠିକୁ ଏକତ୍ରିତ କରି ସେ ଭିଷ୍ୟବାଣୀ କହୁଥିବା ଦେଖିବାକୁ ମିଳିଛି। ତେବେ ତାଙ୍କର ଗଣନା ସତ ହେଉଥିବା ଅନେକ କୁହନ୍ତି। ରାଜୁ ବାବାଙ୍କ କହିବା ଅନୁସାରେ, ଶ୍ରୀଜଗନ୍ନାଥ ମଧ୍ୟ କାଠରେ ନିର୍ମିତ। ତେଣୁ ବିଶ୍ୱାସରେ ଭଗବାନ। କାଠି ମାଧ୍ୟମରେ ଜଣେ ନିଜ ମନରେ ରହିଥିବା ଅନେକ ପ୍ରଶ୍ନର ଉତ୍ତର ଜାଣିପାରିବ। କାଠିକୁ ଧରି ସେ ଆଦିଶଙ୍କରଙ୍କୁ ସ୍ମରଣ କରି ଲୋକଙ୍କ ପ୍ରଶ୍ନ ପଚାରିଥାନ୍ତି। ଯଦି ତାହା ସଫଳ ହେବ ତେବେ କାଠି ଦୁଇଟି ଯୋଡ଼ି ହୋଇଯିବ ଏବଂ ଯଦି ବିଫଳ ହେବ ତେବେ କାଠି ଆଦୌ ଯୋଡ଼ି ହେବନାହିଁ ବୋଲି ସେ କହିଛନ୍ତି। ତେବେ ରାଜୁ ବାବା କିଛିଦିନ ହେବ କାଠି ଗଣନା କରିବା ଆରମ୍ଭ କରିଥିବା କହିଛନ୍ତି।



**ଖଣ୍ଡଗିରି ଯାତ୍ରା ମହାକୁମ୍ଭର ଦ୍ୱିତୀୟ ସନ୍ଧ୍ୟାରେ ଅଭିନେତ୍ରୀ ମାମାଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସ୍ୱତନ୍ତ୍ର ଆଲୋଚନା**

# "ମଞ୍ଚ ଏକ; ରେକର୍ଡ ଡ୍ୟାନ୍ସ, ଯାତ୍ରା ଦର୍ଶକ ଅଲଗା"

**ବିଗତ ଦିନର ଖଣ୍ଡଗିରି ଓ ଆଜିର ଦିନରେ ଖଣ୍ଡଗିରି ଯାତ୍ରା ମହାକୁମ୍ଭ ମଧ୍ୟରେ କ'ଣ ଫରକ୍ ଅନୁଭବ କରୁଛନ୍ତି?**

- ଓଡ଼ିଶା ତଥା ଓଡ଼ିଶା ବାହାରେ ଯେତେ ଯାତ୍ରା ପେଣ୍ଡାଲରେ ନାଟକ କଲେ ମଧ୍ୟ ଖଣ୍ଡଗିରିରେ ନାଟକ ନ କଲେ ଅଧା ରହିଗଲା ଭଳି ଲାଗେ। ବିଶେଷକରି ଆଜିର ଦିନରେ ରାଜଧାନୀ ଦୃଷ୍ଟିରୁ ଏଠାରେ ୩୦ ଜିଲ୍ଲାର ତଥା ରାଜ୍ୟବାହାର ଦର୍ଶକ ଯାତ୍ରା ଦେଖିବାକୁ ଆସୁଥିବାରୁ ଖଣ୍ଡଗିରିରେ ଯାତ୍ରା ପରିବେଷଣ କରିବାରେ ଏକ ନିଆରା ଅନୁଭୂତି ରହିଛି।

**ବିଗତ ଦିନର ଯାତ୍ରା ନାଟକ ଓ ଆଜିର ଯାତ୍ରା ନାଟକ ମଧ୍ୟରେ କ'ଣ ଫରକ ଅନୁଭବ କରନ୍ତି?**

- ଆଗରୁ ହୁଏ ତ କଳାକାରମାନେ ଭଲ ଅଭିନୟ କରୁଥିଲେ କିନ୍ତୁ ବୈଷୟିକ ଦୃଷ୍ଟିରୁ ଆଜିର ଯାତ୍ରାମଞ୍ଚରେ ଅନେକ ଉନ୍ନତି ହୋଇଛି। ସମୟ କ୍ରମେ ଯାତ୍ରା ଅଭିନେତା/ଅଭିନେତ୍ରୀମାନେ ଅଧିକ ସମ୍ମାନ ପାଇ ପାରୁଛନ୍ତି। ଆଗରୁ ଯାତ୍ରା କଳାକାର ଅତି ଦୟନୀୟ ଅବସ୍ଥାରେ ରହୁଥିଲେ। ହେଲେ ଆଜି ଯାତ୍ରା କଳାକାର ଆର୍ଥିକ ଦୃଷ୍ଟିରୁ ଏକପ୍ରକାର ଭଲରେ ମଧ୍ୟ ଅଛନ୍ତି।

**ସିନେମାକୁ ଯେଭଳି ବହୁ ପ୍ରତିଷ୍ଠିତ ପରିବାରର ଝିଅମାନେ ଅଭିନୟ ପାଇଁ ଆସୁଛନ୍ତି, ଯାତ୍ରା ଜଗତକୁ କାହିଁକି ଆସୁନାହାନ୍ତି ?**

- କଳା ସମସ୍ତଙ୍କ ପାଖରେ ନ ଥାଏ। ସେ ପ୍ରତିଷ୍ଠିତ ପରିବାରର ଶିକ୍ଷିତ ହୁଅନ୍ତୁ ବା ଗରିବ ପରିବାରର ଅଶିକ୍ଷିତ ହୁଅନ୍ତୁ। ସିନେମାରେ ଅଭିନୟ କରିବା ସହଜ। ଅର୍ଥାତ ଯାହାକୁ ୩୦ ପ୍ରତିଶତ ଅଭିନୟ ଜଣାଥିବ ନିର୍ଦ୍ଦେଶକ ଓ ଟେକ୍ନିସିଆନ ଚାହିଁଲେ ତାଙ୍କୁ ସିନେମାରେ ଅଭିନୟ କରାଇ ପାରିବେ। କିନ୍ତୁ ଯାତ୍ରାରେ ଅଭିନୟ କାଠିକର ପାଠ। ସିଧାସଳଖ ଲୋକଙ୍କୁ ସାମ୍ନା କରିବାକୁ ପଡ଼ିବ। ଯାତ୍ରା କଳାକାର ପାଖରେ ଅତିକମ୍‌ରେ ୮୦ ପ୍ରତିଶତ ଅଭିନୟ ଦକ୍ଷତା ନ ଥିଲେ ସେ ମଞ୍ଚକୁ ଉଠିପାରିବ ନାହିଁ। ତେଣୁ ସିନେମାରେ ପ୍ରତିଷ୍ଠିତ ପରିବାରର ଝିଅମାନଙ୍କୁ ପ୍ରମୋଟ୍ କରାଯାଇପାରୁଛି। ଯାତ୍ରାରେ କରାଯାଇ ପାରୁନାହିଁ।

**ବେଳେବେଳେ ଲାଗୁନି କି ଅତ୍ୟଧିକ ଜ୍ଞାନକୌଶଳ ବ୍ୟବହାର ଯୋଗୁଁ ଅଭିନୟ ଦକ୍ଷତାକୁ ଅବହେଳା ବା ଗୌଣ ଭାବେ ବିବେଚନା କରାଯାଉଛି ବୋଲି ?**

- ହୁଏ ତ ତାହା ଅନେକାଂଶରେ ଠିକ୍। କିନ୍ତୁ ଯୁଗ ଅନୁଯାୟୀ ନ ଚାଲିଲେ ଦର୍ଶକ ଗ୍ରହଣ କରିବେନି। ଆମେ ପଛରେ ରହିଯିବା।

**ଏବେ ଯାତ୍ରା ଜଗତରେ ନାଟକ କମ୍ ଓ ରେକର୍ଡ ଡ୍ୟାନ୍ସ, ବିଶେଷକରି ଅଧିକ ଆଇଟମ ଡ୍ୟାନ୍ସ ଦେଖିବାକୁ ଲୋକ ଆସୁଛନ୍ତି। ନାଟକ ଆରମ୍ଭ ପୂର୍ବରୁ ଲୋକେ ରେକର୍ଡ ଡ୍ୟାନ୍ସ ଦେଖି ଉଠି ଯାଉଛନ୍ତି। ଖାଲି ଚୌକି ଦେଖି ଆପଣ ନିରୁତ୍ସାହିତ ହୁଅନ୍ତି ନି ?**

- ପ୍ରଥମେ ପ୍ରଥମେ ସେଭଳି ଲାଗୁଥିଲା। କିନ୍ତୁ ବୁଝିବାକୁ ହେବ ଯେ ଯେଉଁମାନେ ରେକର୍ଡ ଡ୍ୟାନ୍ସ ବା ଆଇଟମ୍ ଡ୍ୟାନ୍ସ ପରେ ଉଠି ଯାଉଛନ୍ତି ସେମାନେ ତାହା ହିଁ ଦେଖିବାକୁ ଆସିଥିଲେ। ଆଉ ଯେଉଁମାନେ ନାଟକ ଦେଖିବାକୁ ଆସୁଛନ୍ତି ସେମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି। ସକାଳ ପର୍ଯ୍ୟନ୍ତ ରହି ପୂରା ନାଟକ ଦେଖୁଛନ୍ତି।

**ଆପଣଙ୍କ ପ୍ରଶଂସକ ବା ଫ୍ୟାନ୍ କିଛି ଅଛନ୍ତି କି, ଯେଉଁମାନେ କେବଳ ଆପଣଙ୍କୁ ଦେଖିବାକୁ ଖଣ୍ଡଗିରି ଆସୁଛନ୍ତି ?**

- ନିଶ୍ଚିତ ଏତେଦିନ ଅଭିନୟ ଭିତରେ ଯେତିକି ପ୍ରଶଂସକ ଅଛନ୍ତି ସେମାନେ ମୋ ଅଭିନୟ ଦେଖିବାକୁ ଆସୁଛନ୍ତି। ପୋଷ୍ଟର୍‌ରେ ଫଟୋ ଦେଖି ଟିକଟ୍ କରୁଛନ୍ତି।

**ଆପଣ ପିଲାବେଳେ ଦେଖିଥିବା ଯାତ୍ରା ନାଟକ ଓ ଆଜିର ଯାତ୍ରା ନାଟକ ଭିତରେ ଫରକ୍ କ'ଣ ଅନୁଭବ କରୁଛନ୍ତି ?**

- ମୁଁ ପିଲାବେଳେ କେବେ ଯାତ୍ରା ଦେଖି ନ ଥିଲି। କାରଣ ମୁଁ ପିଲା ଥିଲାବେଳେ ଆମ ଅଞ୍ଚଳରେ ଯାତ୍ରାପାର୍ଟି ପ୍ରାୟ ପଡୁ ନ ଥିଲା। ପ୍ରଥମେ ରେକର୍ଡ ଡ୍ୟାନ୍ସ କରୁକରୁ ଅଭିନୟ ପ୍ରତି ଆକୃଷ୍ଟ ହୋଇ ଯାତ୍ରା ଅଭିନୟ କଲି।

**ଆପଣଙ୍କ ପରିବାର ଓ ଦାମ୍ପତ୍ୟ ଜୀବନକୁ କେମିତି ସମୟ ଦିଅନ୍ତି ?**

- ଏମିତି ତ ଆମେ ସ୍ୱାମୀ ସ୍ତ୍ରୀ ଗୋଟିଏ ଯାତ୍ରା ପାର୍ଟିରେ କାମ କରୁ। ସେଥିରେ କିଛି ଅସୁବିଧା ନାହିଁ। କିନ୍ତୁ ଘରେ ବାପମାଆଙ୍କୁ ମଝିରେ ମଝିରେ ଦେଖିବାକୁ ଯାଉ। ଛୁଟି ହେଲେ ସେମାନଙ୍କୁ ଅଧିକ ସମୟ ଦେଉ।



# ଭୁବନେଶ୍ୱର ସିଟି

## ଅନନ୍ତ ବାସୁଦେବ ମନ୍ଦିରର ରକ୍ଷଣାବେକ୍ଷଣ ଏମିତି...

# ୫ ବର୍ଷରେ ଖର୍ଚ୍ଚ ୧୩ ହଜାର

- ଏକାମ୍ରକ୍ଷେତ୍ରରେ ବିଷ୍ଣୁଙ୍କ ପ୍ରତି ଏଏସ୍ଆଇର ଅବହେଳା
- ବର୍ଷାରେ ଭିଜୁଛନ୍ତି ବାସୁଦେବ, ପର୍ଯ୍ୟଟକଙ୍କୁ ମିଳୁନି ପାଣି

**ଭୁବନେଶ୍ୱର, ୧୯ ।୨(ସମିସ):** ମନ୍ଦିରର ଉପର ଅଂଶ ଦୁର୍ବଳ ହୋଇଗଲାଣି । ଦୀର୍ଘ ବର୍ଷ ଧରି ମନ୍ଦିରକୁ ଲୁହା ଖମ୍ବ ସମ୍ଭାଳିଛି । ମନ୍ଦିର ପରିସରରେ ଥିବା ମା’ ଲକ୍ଷ୍ମୀଙ୍କ ମନ୍ଦିର ବହୁ ବର୍ଷ ହେଲା ଭୁଶୁଡ଼ି ଯାଇଛି । ଅଧା ଭଙ୍ଗା ମନ୍ଦିରରୁ ମା’ ଲକ୍ଷ୍ମୀଙ୍କୁ ସ୍ଥାନାନ୍ତର କରି ଅନନ୍ତ ବାସୁଦେବଙ୍କ ମନ୍ଦିର ଗର୍ଭଗୃହରେ ପୂଜାର୍ଚ୍ଚନା କରାଯାଉଛି । ଦୈନିକ ମନ୍ଦିରକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କ ପାଇଁ ପିଇବା ପାଣିର ଉତ୍ତମ ବ୍ୟବସ୍ଥା ନାହିଁ କି ମନ୍ଦିର ନିକଟରେ ଶୌଚାଳୟଟିଏ ନାହିଁ। ଏମିତି ଏକାଧିକ ସମସ୍ୟାରେ ଗନ୍ତାଘର ହେଉଛି ଏକାମ୍ରକ୍ଷେତ୍ରର ଏକମାତ୍ର ବିଷ୍ଣୁ ମନ୍ଦିର ଅନନ୍ତ ବାସୁଦେବ ମନ୍ଦିର ।

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ) ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ ହେଁ ମନ୍ଦିରର ସୁରକ୍ଷା ପ୍ରତି ଏହି ସଂସ୍ଥା ଆଖି ବୁଜି ଦେଇଥିବା ସେବାୟତମାନେ ଅଭିଯୋଗ କରିଛନ୍ତି । ଦୀର୍ଘବର୍ଷ ଧରି ମନ୍ଦିରର ସମସ୍ୟା ବିଷୟରେ ସେମାନେ ଅଭିଯୋଗ କଲେ ମଧ୍ୟ ଏଏସ୍ଆଇ କର୍ଣ୍ଣପାତ କରୁନାହିଁ । କେବଳ ମନ୍ଦିର ପାଚେରି ସଫା କରିବା ଓ ଘାସ ଉପାଡ଼ିବାକୁ ଛାଡ଼ି ଦେଲେ ମନ୍ଦିରର ସୁରକ୍ଷା ଦିଗରେ କାଣିଚାଏ କାମ ଏହି ସଂସ୍ଥା କରୁନି ବୋଲି ସେବାୟତମାନେ କ୍ଷୋଭ ପ୍ରକାଶ କରିଛନ୍ତି ।

ପ୍ରାଚୀନ ତଥା ପ୍ରସିଦ୍ଧ ଶୈବ ପୀଠରେ ଭରପୂର ଏକାମ୍ର କ୍ଷେତ୍ରରେ ଅନନ୍ତ ବାସୁଦେବଙ୍କ ମନ୍ଦିରର ଏକ ସ୍ୱତନ୍ତ୍ର ଗୁରୁତ୍ୱ ରହିଆସିଛି । ପ୍ରତି ମାସର ଏକାଦଶୀ, ପୂର୍ଣ୍ଣମୀ ଭଳି ତିଥିରେ ଏଠାରେ ବହୁ ଶ୍ରଦ୍ଧାଳୁ ଦେବ ଦର୍ଶନ କରନ୍ତି । ଅନନ୍ତ ବ୍ରତ ପୂଜା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି । ମାତ୍ର ପରିତାପର କଥା ଏହି ମନ୍ଦିରର ସୁରକ୍ଷା ନେଇ କେହି ଚିନ୍ତିତ ନୁହନ୍ତି । ବିଶେଷକରି ବର୍ଷା ହେଲେ ମନ୍ଦିର ଭିତରେ ପାଣି ଗଳୁଛି । ଠାକୁର ବର୍ଷାରେ ଭିଜୁଛନ୍ତି । ମନ୍ଦିରର ବେଢ଼ାରେ ଥିବା ବହୁ ମନ୍ଦିର ଭୁଶୁଡ଼ିଗଲାଣି । ତୁରନ୍ତ ଏହି ମନ୍ଦିରର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ସେବାୟତ ମହଲରେ ଦାବି କରାଯାଉଛି ।



ଏଏସ୍ଆଇ ପକ୍ଷରୁ ହସ୍ତଗତ ସୂଚନା ଅନୁସାରେ, ଗତ ୫ବର୍ଷ ଭିତରେ ଏହି ମନ୍ଦିର ରକ୍ଷଣାବେକ୍ଷଣ ବାବଦରେ ୧୩ହଜାର ୭୮୪ଟଙ୍କା ଖର୍ଚ୍ଚ ହୋଇଛି । ୨୦୧୯-୨୦ ଆର୍ଥିକ ବର୍ଷରେ ୫ହଜାର ୬୯୧ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୦୨୦-୨୧ରେ ୮ହଜାର ୯୩ଟଙ୍କା ଖର୍ଚ୍ଚ ହୋଇଛି । ୨୦୧୮-୧୯ରେ ଟଙ୍କାଟିଏ ବି ଖର୍ଚ୍ଚ ହୋଇନଥିବାବେଳେ ୨୦୨୧ରୁ ଅଦ୍ୟାବଧି ମନ୍ଦିର ପାଇଁ କୌଣସି ଖର୍ଚ୍ଚ ହୋଇନାହିଁ । ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି ।

ସେ କହିଛନ୍ତି ଯେ, ଏହି ମନ୍ଦିରର କଳା, ଭାସ୍କର୍ଯ୍ୟ ଅନ୍ୟ ସବୁ ମନ୍ଦିରଠାରୁ ସମ୍ପୂର୍ଣ୍ଣ ଅଲଗା । ଏହି ଶୈଳୀରେ ନିର୍ମିତ ମନ୍ଦିର ଏସିଆ ମହାଦେଶରେ ବିରଳ ବୋଲି ଐତିହାସିକମାନେ ମତ ଦିଅନ୍ତି । ଶ୍ରୀଲିଙ୍ଗରାଜଙ୍କ ପର୍ବପର୍ବାଣି ଓ ଯାନିଯାତ୍ରା ସହିତ ଅନନ୍ତ ବାସୁଦେବଙ୍କ ନିବିଡ଼ ସମ୍ପର୍କ ରହିଛି । ବଡ଼ କଥା ହେଉଛି ଅନନ୍ତ ବାସୁଦେବ ମନ୍ଦିର ପ୍ରସାଦ ଅବଢ଼ାର ଏକ ସ୍ୱତନ୍ତ୍ର ଚାହିଦା ରହିଛି । ହେଲେ ଏହାର ଗୁରୁତ୍ୱ ବୁଝିପାରୁନାହାନ୍ତି ଏଏସ୍ଆଇ କର୍ତ୍ତୃପକ୍ଷ । ମନ୍ଦିରର ଏକାଧିକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଥିଲେ ହେଁ ଦୃଷ୍ଟି ଦିଆଯାଉନି । ମନ୍ଦିରର ସୁରକ୍ଷା ଦିଗରେ ଏହି ସଂସ୍ଥା ଏଭଳି ବେପରୁଆ ଆଭିମୁଖ୍ୟ ଗ୍ରହଣ କରୁଥିଲେ ହେଁ କେନ୍ଦ୍ର ସରକାରଙ୍କ ଉପରିସ୍ଥ ଅଧିକାରୀମାନେ ମଧ୍ୟ ସ୍ଥାଣୁ ପାଲଟିଯାଇଛନ୍ତି ବୋଲି ଶ୍ରୀ ପତି କହିଛନ୍ତି । ଏ ସମ୍ପର୍କରେ ଏଏସ୍ଆଇ ଭୁବନେଶ୍ୱର ମଣ୍ଡଳ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ସୁଶାନ୍ତ କୁମାର କରଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇନଥିଲା ।

■ ଜଣେ ସାହିତ୍ୟିକ ପ୍ରଥମେ ଭଲ ମଣିଷ ହେବା ଦରକାର

## ‘ନିଜ ପାଇଁ ଭାବିଲା ବେଳ’ ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର, ୧୯।୨(ସମିସ):** ଜାତୀୟ ଅଭିଲେଖାଗାରରେ ଗୋଧୂଳି ସାହିତ୍ୟ ସଂସଦ ଭୁବନେଶ୍ୱର ଆନୁକୂଲ୍ୟରେ ବିଶିଷ୍ଟ ଲେଖିକା ଡ. ମନସ୍ୱିନୀ ଦାଶଙ୍କ ଗଳ୍ପ ପୁସ୍ତକ ନିଜ ପାଇଁ ଭାବିଲା ବେଳର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବରେ ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ, ସମ୍ମାନିତ ଅତିଥି ଭାବେ ପ୍ରାବନ୍ଧିକ ଡ. ସତ୍ୟନାରାୟଣ ମିଶ୍ର, ସମୀକ୍ଷକ ଭାବେ ପ୍ରଫେସର ଶରତ ଚନ୍ଦ୍ର ରଥ, ସଂସଦର ସଭାପତି ଶିବ ସୁନ୍ଦର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଜଣେ ସାହିତ୍ୟିକ ପ୍ରଥମେ ଭଲ ମଣିଷ ହେବା ଦରକାର ବୋଲି କହିବା ସହ ଆଧୁନିକ ଗଳ୍ପର ସଂଜ୍ଞା ଏବଂ ସ୍ୱରୂପ ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ଲେଖିକା ଡ. ମନସ୍ୱିନୀ ଦାଶ ତାଙ୍କ ସାହିତ୍ୟ ଜୀବନ ଭିତରେ ଏଭଳି ଏକ ସୁନ୍ଦର ଗଳ୍ପ ପୁସ୍ତକରେ ସ୍ଥାନୀତ ଗପଗୁଡ଼ିକ ତାଙ୍କ ହୃଦୟରେ କିଭଳି ପ୍ରତିଧ୍ୱନି ସୃଷ୍ଟି କରୁଥିଲେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ । ସମ୍ପାଦିକା ବିମଳା ସିଂହ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ବିଶିଷ୍ଟ ସାହିତ୍ୟିକ ଚନ୍ଦ୍ରକାନ୍ତ ପଣ୍ଡା । ଶରତ ଚନ୍ଦ୍ର ରଥ ପୁସ୍ତକର ସମୀକ୍ଷା କରି ଏହା ପାଠକୀୟ ଆଦୃତି ଆଣି ଦେବ ବୋଲି କହିଥିଲେ । ପ୍ରାରମ୍ଭରେ ସମ୍ପାଦିକା ବିମଳା ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଚନ୍ଦ୍ରକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ନନ୍ଦନକାନନକୁ ଆସିବେ ୫ ସମ୍ବର

**ନନ୍ଦନକାନନ,୧୯।୨(ସମିସ):** କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନ କ୍ରମେ ଦ୍ୱିତୀୟ ପର୍ଯ୍ୟାୟରେ ଜନ୍ତୁ ଅଦଳବଦଳ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇଛି । ଏହି ପରିପେକ୍ଷୀରେ ସମ୍ବଲପୁର ଚିଡ଼ିଆଖାନାରୁ ଏକ ଦଳ ଆସି ନନ୍ଦନକାନନରୁ ସୋମବାର ସନ୍ଧ୍ୟାରେ ୪ଟି ମାଈ ଓ ୪ଟି ଅଣ୍ଡିରା ମିଶାଇ ସମୁଦାୟ ୮ଟି କୁଜି ହରିଣ ନେଇକି ଯାଇଛନ୍ତି । ଏହା ବଦଳରେ ସେଠାରୁ ୨ଟି ଅଣ୍ଡିରା ଓ ୩ଟି ମାଈକୁ ମିଶାଇ ସମୁଦାୟ ୫ଟି ସମ୍ବର ନନ୍ଦନକାନନକୁ ଆସିବ । ଆସନ୍ତା ୨୩ତାରିଖ ମଧ୍ୟରେ ଏହି ଅଦଳବଦଳ ପ୍ରକ୍ରିୟା କାର୍ଯ୍ୟ ସରିବା ନେଇ ଉପ ନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି ।

## ସୁରଭାରତୀ କଳାନିକେତନ ବାର୍ଷିକ ଉତ୍ସବ



**ବଡ଼ରଘୁନାଥପୁର, ୧୯।୨ (ସମିସ):** ଭୁବନେଶ୍ୱର ଉପକଣ୍ଠ ବଡ଼ରଘୁନାଥପୁର ଠାରେ ସୁର ଭାରତୀ କଳାନିକେତନର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସୁର ଭାରତୀ କଳାନିକେତନ ପକ୍ଷରୁ ଭଜନ ସନ୍ଧ୍ୟାରେ ସାର୍ଥକ ଚାନେଲରେ ପ୍ରସାରିତ ‘ସାରେ ଗାମା ପା’ର ଫାଇନାଲ ବିଜେତା ଦେବସ୍ମିତା ସାମଲ । ଓ ସଂଯୁକ୍ତା ସ୍ୱାଇଁଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା । ଉତ୍ସବରେ ବଡ଼ରଘୁନାଥପୁର ଗ୍ରାମର ବୟୋଜ୍ୟୋଷ୍ଠ ଏବଂ ଯୁବକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜିତ ସାମନ୍ତରାୟ, ମଦନପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ରଶ୍ମି ରଞ୍ଜନ ବେହେରା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଓ ସୁର ଭାରତୀ କଳାନିକେତନର ସମ୍ପାଦକ ଉମାକାନ୍ତ ସାମନ୍ତରାୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ।

## ଓଡ଼ିଆ କବିଙ୍କ ପୁସ୍ତକ ଗୁଜରାତ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ

**ଭୁବନେଶ୍ୱର, ୧୯।୨(ସମିସ):** ମୁମ୍ବାଇରେ ରହୁଥିବା ବିଶିଷ୍ଟ ଓଡ଼ିଆ କବି ପାରମିତା ଷଡ଼ଙ୍ଗୀଙ୍କ ମୂଳ ହିନ୍ଦୀ ଭାଷାରେ ଲିଖିତ କବିତା ପୁସ୍ତକ ‘ଲଜ୍ଜା’ ର ଗୁଜରାଟୀ ଅନୁଦିତ ପୁସ୍ତକ ‘ଲଜ୍ଜା’ ଗୁଜରାତ ସାହିତ୍ୟ ଏକାଡେମୀର ଶ୍ରେଷ୍ଠ ଅନୁବାଦ ପୁସ୍ତକ ପୁରସ୍କାର ପାଇଁ ମନୋନିତ ହୋଇଛି । ଗୁଜରାତ ସାହିତ୍ୟ ଏକାଡେମୀ ପକ୍ଷରୁ ରବିବାର ଏନେଇ ଘୋଷଣା କରାଯାଇଛି । ପୁସ୍ତକର ଅନୁବାଦିକା ହୀନା ମୋଦି ଏଥିନିମନ୍ତେ ପୁରସ୍କୃତ ହେବେ । ସୂଚନାଯୋଗ୍ୟ ଯେ ୨୦୨୧ ମସିହାରେ ପ୍ରକାଶିତ ତାଙ୍କର ମୂଳ ହିନ୍ଦୀ ଭାଷାରେ ଲିଖିତ କବିତା ପୁସ୍ତକ ଲଜ୍ଜା ହିନ୍ଦୀ ସାହିତ୍ୟରେ ଏକାଧିକ ପୁରସ୍କାର ଲାଭ କରିଛି । ସେଥିମଧ୍ୟରେ ଉତ୍ତର ପ୍ରଦେଶର ଏ.ବି. ହିନ୍ଦୀ ସେବା ତରଫରୁ ‘କୈଳାସ ଦେବୀ ସ୍ମୃତି ସମ୍ମାନ’ ଏବଂ ନାସିକର ବିଦ୍ୟୋତମ୍ବା ସଂସ୍ଥା ତରଫରୁ ‘ସାହିତ୍ୟ ଆରାଧନା ସମ୍ମାନ’’ ଏବଂ ଉଇଙ୍ଗ୍ସ ପବ୍ଲିକେସନ ତରଫରୁ ‘ଗୋଲ୍ଡେନ ବୁକ୍ ଆୱାର୍ଡ’ ଅନ୍ତର୍ଭୁକ୍ତ । କବି ପାରମିତା କବି ବଂଶୀଧରଷଡ଼ଙ୍ଗୀଙ୍କ ଝିଅ । ତାଙ୍କ ସାନଭଉଣୀ ଇପ୍ସିତା ଷଡ଼ଙ୍ଗୀ ମଧ୍ୟ ଜଣେ ଜଣାଶୁଣା କବି ।

## ଏଫ୍ଏଫ୍ସି ପକ୍ଷରୁ ‘ଜୟ ଅଫ୍ ଗିଭିଂ’

**ଭୁବନେଶ୍ୱର, ୧୯।୨(ସମିସ):** ୱାକର୍ସ ଇଣ୍ଟରନାସନାଲ୍ ସହ ଅନୁବନ୍ଧିତ ଫନ୍ ଆଣ୍ଡ ଫିଟନେସ୍ ୱାକର୍ସ କ୍ଲବର ଚଳିତ ବର୍ଷର କାର୍ଯ୍ୟକ୍ରମ ଜୟ ଅଫ ଗିଭିଙ୍ଗ ନୂଆପଲ୍ଲୀ ଦୁର୍ଗାପୂଜା ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ସମାଜରେ ମାନସିକ ଅନଗ୍ରସର ଦିବ୍ୟାଙ୍ଗ ଅସହାୟ ଏବଂ ଗରିବ ଲୋକଙ୍କୁ ସହାୟତା ଉଦେଶ୍ୟରେ ଖାଦ୍ୟ, ବସ୍ତ୍ର ଦାନ କରିବା ହିଁ ଜୟ ଅଫ୍ ଗିଭିଂର ଉଦ୍ଦେଶ୍ୟ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୯୦୦ରୁ ଅଧିକ ଲୋକଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ମାସ ଶେଷ ରବିବାର ଦିନ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ କରାଯିବ ବୋଲି ସଙ୍ଘର ସଭାପତି ଆଶିଷ ପଟ୍ଟନାୟକ, ଉପସଭାପତି ଅଜିତ ପ୍ରସାଦ ସାହୁ, ଉପଦେଷ୍ଟା କେଦାର ପଟ୍ଟନାୟକ ପ୍ରମୁଖ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସନ ରାଇଜ ୱାକର୍ସ କ୍ଲବର ସଭାପତି ସୌଭାଗ୍ୟ ଜେନା ଓ ଏକାମ୍ର ୱାକର୍ସ କ୍ଲବର ସଭାପତି ସୁବାସ ପାଣିଗ୍ରାହୀ ଓ ସମାଜସେବୀ ପବିତ୍ର ମୋହନ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଭିନ୍ନକ୍ଷମଙ୍କ ନିଯୁକ୍ତି ମେଳା

**ଭୁବନେଶ୍ୱର, ୧୯।୨(ସମିସ):** ଭିନ୍ନକ୍ଷମଙ୍କ ପାଇଁ ଜାତୀୟ ବୃତ୍ତି ସେବାକେନ୍ଦ୍ର (ଏନ୍ସିଏସ୍ସିଡିଏ), ଡିଜିଇ, ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମଙ୍କ ସଶକ୍ତୀକରଣ ବିଭାଗ, ଜିଲ୍ଲା ନିଯୁକ୍ତି ବିନିମୟ, ଖୋର୍ଦ୍ଧା ଏବଂ ସାଇଟ୍ ସେର୍ଭ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ପୋଖରୀପୁଟସ୍ଥିତ ଏନ୍ସିଏସ୍ସିଡିଏ କ୍ୟାମ୍ପସରେ ଭିନ୍ନକ୍ଷମମାନଙ୍କ ପାଇଁ ଏକ ମାଗଣା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଭିନ୍ନକ୍ଷମ ଆଶାୟୀ ପ୍ରାର୍ଥୀ ଭାଗ ନେଇଥିଲେ । ନିଯୁକ୍ତି ମେଳାରେ ୧୨ଟି ବିଭିନ୍ନ ନିଯୁକ୍ତିଦାତା ଯଥା ମ୍ୟାକ୍ସ ରିଟେଲ, କ୍ରାଉନ୍ ଆଇଏଚସିଏଲ, ସେଲେକଟିଅନ୍ସ, ଷ୍ଟାର ଫ୍ରୀ କାଷ୍ଟ ଆଣ୍ଡ ଷ୍ଟାର ଟାଇଲ, ଜୋମାଟୋ, ଟେକ୍ ମହିନ୍ଦ୍ରା, କମଲିନି ଆସୋସିଏଟ୍ସ, ଡ. ରେଡ୍ଡୀ ଫାଉଣ୍ଡେସନ ଏବଂ ୟୁଥ୍ ଫର ଜବ୍ ଇତ୍ୟାଦି ଅଂଶଗ୍ରହଣ କରିଥିବା ବେଳେ ୧୧୭ ଜଣ ଚାକିରି ଆଶାୟୀମାନେ ଇଣ୍ଟରଭ୍ୟୁରେ ଭାଗନେଇ ସେଥି ମଧ୍ୟରୁ ୧୦୮ ଜଣ ପ୍ରାର୍ଥୀ ସର୍ଟଲିଷ୍ଟ ହୋଇଛନ୍ତି । ଯେଉଁଥିରେ ଏକାଧିକ ଭିନ୍ନକ୍ଷମ ବିଭିନ୍ନ ପଦବୀ ପାଇଁ ନାମ ଦାଖଲ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାମାଜିକ ସୁରକ୍ଷା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଷ୍ଣୁପଦ ସେଠୀ, ସ୍ୱତନ୍ତ୍ର ସଚିବ ଦିଲ୍ଲୀପ କୁମାର ରାୟ, ଡେପୁଟି ସେକ୍ରେଟାରୀ ସନ୍ୟାସୀ ବେହେରା ଉପସ୍ଥିତ ଥିଲେ ।

## ‘ଜଣେ ସୁଖୀଲୋକର ଡାଏରୀ’ ଉନ୍ମୋଚିତ

ଭୁବନେଶ୍ୱର, ୧୮।୨(ସମିସ): ଅଡ଼ଶପୁର ୟୁ ଏନ୍ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଅରୁଣ କୁମାର ନାୟକଙ୍କ ଆତ୍ମଜୀବନୀ ‘ଜଣେ ସୁଖୀଲୋକର ଡାଏରୀ’ କୁ ଉନ୍ମୋଚିତ ହୋଇଯାଇଛି । ଏଥିରେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଂଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସାହିତ୍ୟିକ ଡକ୍ଟର ଗୌରହରି ଦାସ, କିଟ୍ ବିଶ୍ୱବିଦ୍ୟାଳୟର ଉପ କୁଳପତି ସାହିତ୍ୟିକ ଡକ୍ଟର ତପନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପୁସ୍ତକର ପ୍ରକାଶକ ଟାଇମପାସ୍ ପ୍ରକାଶନୀ ସଂସ୍ଥା ମୁଖ୍ୟ ତଥା ଲେଖକ ସରୋଜ ବଳ ପରିଚାଳନା କରିଥିବା ବେଳେ ସାହିତ୍ୟିକ ଡକ୍ଟର ଗୌରହରି ଦାସ, ଅଧ୍ୟାପକ ବନ୍ଧୁ ଡକ୍ଟର ପ୍ରଶାନ୍ତ ପ୍ରଧାନ ଏବଂ ଛାତ୍ର ନାରାୟଣ ଦାସ ଉପସ୍ଥିତ ଥିଲେ । ଗାୟିକା ଅର୍ପିତା ପତି ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଲେଖକ ଶ୍ରୀ ନାୟକଙ୍କ ପତ୍ନୀ ବିଶିଷ୍ଟ ସାହିତ୍ୟିକା ଡକ୍ଟର ହିରଣ୍ମୟୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଶତ୍ରୁଜିତ୍ ଧନ୍ୟବାଦ ଅର୍ପଣ କରିଥିଲେ ।

● ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବରେ ପ୍ରସ୍ତାବ ଗୃହୀତ

## ‘ସାରଳା ଦାସଙ୍କ ନାମରେ ହେଉ ଓଡ଼ିଆ ବିଶ୍ୱବିଦ୍ୟାଳୟ’



**ଭୁବନେଶ୍ୱର, ୧୮।୨(ସମିସ):** ସାରଳା ଦାସ ସ୍ମୃତି ସଂସଦ ଏବଂ ଓଡ଼ିଆ ଭାଷା, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ସାରଳା ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମ୍ ହସ୍ପିଟାଲର ମୁଖ୍ୟ ପରାମର୍ଶଦାତା ପ୍ରଫେସର ଡ.ଅଶୋକ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ମୁଖ୍ୟ ବକ୍ତାଭାବେ ଶାନ୍ତି ନିକେତନର ପ୍ରାକ୍ତନ ଓଡ଼ିଆ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ, ସମ୍ମାନିତ ବକ୍ତାଭାବେ ଡ.ଲଳିତ ଲେଙ୍କା ଯୋଗ ଦେଇଥିଲେ । ସଭାରେ ଓଡ଼ିଆ ଭାଷା ଓ ସାହିତ୍ୟର ଜନକ ଆଦିକବି ସାରଳା ଦାସଙ୍କ ନାମରେ ସାରଳା ଦାସ ଓଡ଼ିଆ ବିଶ୍ୱବିଦ୍ୟାଳୟ ନାମିତ କରାଯାଉ ଓ ଅନ୍ୟ ରାଜ୍ୟକୁ ଚାଲୁଥିବା ରେଳ ଗାଡ଼ିର ନାମ ସାରଳା ଦାସ ଏକ୍ସପ୍ରେସ ରଖାଯାଉ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା । ସଂସଦର ମୁଖପାତ୍ର ସାରଳା ସର୍ଜନା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସଭାରେ ସଂସଦର ସଭାପତି ଡ. ସାତକଡ଼ି ହୋତାଙ୍କ ବିୟୋଗରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ବିଭିନ୍ନ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଶେଷରେ ପଣ୍ଡିତ ରଶ୍ମୀରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ‘ନୂଆ-ଓ ଛାତ୍ରବୃତ୍ତି’ ରେ ସେଲ୍ଫ ଫାଇନାନ୍ସିଂ କୋର୍ସକୁ ସାମିଲ ଦାବି

**ଭୁବନେଶ୍ୱର, ୧୯ ।୨ (ସମିସ) :** ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ଭାବେ କରାଯାଇଥିବା ‘ନୂଆ-ଓ ଛାତ୍ରବୃତ୍ତି’ରେ ସେଲ୍ଫ ଫାଇନାନ୍ସିଂ କୋର୍ସକୁ ସାମିଲ କରିବା ପାଇଁ ଦାବି ହୋଇଛି । ଏହାସହ ସାମ୍ସ ପୋର୍ଟାଲ ଦ୍ୱାରା ନାମ ଲେଖାଇ ନ ଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ସାମିଲ କରିବାକୁ ଦାବି କରିଛନ୍ତି । ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ କୁଳସଚିବ ଡକ୍ଟର କାହ୍ନୁ ଚରଣ ଧିରଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି । ତାଙ୍କ ପରାମର୍ଶକ୍ରମେ ଉଚ୍ଚଶିକ୍ଷା ବିଭାଗର ସ୍କଲାରସିପ୍ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ପ୍ରତିଭା ସାହୁଙ୍କ ସହ ଆଲୋଚନା କରିଛନ୍ତି । ଏହାସହ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିବା ବିଶ୍ୱବିଦ୍ୟାଳୟର ଛାତ୍ର ସୌମ୍ୟରଞ୍ଜନ ପ୍ରଧାନ କହିଛନ୍ତି । ତାଙ୍କ କହିବା ଅନୁଯାୟୀ ରାଜ୍ୟରେ ବହୁ ଛାତ୍ରଛାତ୍ରୀ ଆର୍ଥିକ ଅଭାବ ସତ୍ତ୍ୱେ ସେଲ୍ଫ ଫାଇନାନ୍ସିଂ ମୋଡ୍ରେ ପାଠ ପଢୁଛନ୍ତି । ସରକାରୀ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଏହି ଯୋଜନାରେ ସାମିଲ କରାଗଲେ ବହୁ ଗରିବ ଓ ମଧ୍ୟବିତ୍ତ ଛାତ୍ରଛାତ୍ରୀ ଉପକୃତ ହେବେ । ସେହିପରି ସାମ୍ସ ପୋର୍ଟାଲ ସବୁଠି ବାଧ୍ୟତାମୂଳକ ନ ଥିବାରୁ ବହୁ ଛାତ୍ରଛାତ୍ରୀ ସିଧାସଳଖ ନାମ ଲେଖାଇଛନ୍ତି । ସରକାର ଏହି ଦୁଇଟିକୁ ଛାତ୍ରବୃତ୍ତିରେ ସାମିଲ କଲେ ବିଶ୍ୱବିଦ୍ୟାଳୟର ପ୍ରାୟ ୧୨ ଶହ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ସେ କହିଛନ୍ତି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅମ୍ରିତାଞ୍ଜଳି ସାହୁ, ମଧୁସ୍ମିତା ମହାନ୍ତି, ଚିନ୍ମୟୀ ଦାସ, ଅଲିଶା ବିଶ୍ୱାଳ, ଅର୍ପିତା ଶାହା, ସତ୍ୟସୁନ୍ଦର ଶତପଥୀ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।

## ହଜାରେ କ୍ୟାମ୍ବ୍ରିଜ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ଖୋଲିବାକୁ ଲକ୍ଷ୍ୟ

**ଭୁବନେଶ୍ୱର, ୧୯ ।୨ (ସମିସ) :** ଦେଶରେ ନୂତନ ଭାବେ ୧ ହଜାର କ୍ୟାମ୍ବ୍ରିଜ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ଖୋଲିବ । ଏହାସହ ଉନ୍ନତ ଶିକ୍ଷା ପ୍ରଦାନ କରିବାକୁ ୫୦ ହଜାର ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯିବ । କ୍ୟାମ୍ବ୍ରିଜ ୟୁନିଭର୍ସିଟି ପ୍ରେସ୍ ଆଣ୍ଡ ଆସେସ୍ମେଣ୍ଟର ଇଣ୍ଟରନ୍ୟାସନାଲ ଏଜୁକେଶନ ବିଭାଗର ଗ୍ରୁପ୍ ମ୍ୟାନେଜିଂ ଡାଇରେକ୍ଟର ରଡ୍ ସ୍ମିଥ୍ ନିକଟରେ ଭାରତ ଗସ୍ତରେ ଆସି ଏହି ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ, ସମ୍ପ୍ରତି ଦେଶବ୍ୟାପୀ ୬୫୦ରୁ ଅଧିକ ସ୍କୁଲ ଥିବାବେଳେ ଓଡ଼ିଶାରେ ୧୦ରୁ ଅଧିକ ସ୍କୁଲ ରହିଛି । ଏହାସହ ଦେଶରେ ୧୫୦ଟି ଇୱାଇ ସ୍କୁଲ କାର୍ଯ୍ୟକ୍ଷମ ହେଉଛି । ଏହାକୁ ୭୫୦ ପର୍ଯ୍ୟନ୍ତ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ଏହି ସମ୍ପ୍ରସାରଣ ଉପରେ ପ୍ରତିକ୍ରିୟା ରଖି କ୍ୟାମ୍ବ୍ରିଜ ୟୁନିଭର୍ସିଟି ପ୍ରେସ୍ ଆଣ୍ଡ ଆସେସ୍ମେଣ୍ଟ, ସାଉଥ ଏସିଆର ପରିଚାଳନା ନିର୍ଦ୍ଦେଶକ ଅରୁଣ ରାଜାମଣି କହିଛନ୍ତି, କ୍ୟାମ୍ବ୍ରିଜ ସ୍ଥାନୀୟ ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ଶିକ୍ଷାର୍ଥୀମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ସମସ୍ତ ପାଠ୍ୟକ୍ରମର ବିକଳ୍ପ ପ୍ରଦାନ କରୁଛି । ଏହା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ଆବଶ୍ୟକ ଉପକରଣ ଓ ସହାୟତା ପ୍ରଦାନ କରିବାକୁ ପ୍ରାଥମିକତା ଦେଉଥିବା କହିଛନ୍ତି ।

## ବାଲିଅନ୍ତା ରାଜସ୍ୱ ନିରୀକ୍ଷକଙ୍କ କଲମ ଛାଡ଼ ଆନ୍ଦୋଳନ

**ବାଲିଅନ୍ତା,୧୯ ।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ତହସିଲ୍ ଅଧୀନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକ ଆଜିଠାରୁ କଲମ ଛାଡ଼ ଆନ୍ଦୋଳନ ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ କି କ୍ୟାଡ଼ର ପୁନଃନିର୍ଦ୍ଧାରଣ, ନୂତନ ରାଜସ୍ୱ ମଣ୍ଡଳ ଗଠନ, ଯୋଗ୍ୟତାଭିତ୍ତିରେ ଗ୍ରେଡେସନ, ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କ ଗ୍ରେଡ଼ ପେ ବୃଦ୍ଧି, ରାଜସ୍ୱମଣ୍ଡଳରେ କର୍ମଚାରୀ ନିଯୁକ୍ତି, ଆଦି ଦାବି ନେଇ ରାଜସ୍ୱ କର୍ମଚାରୀ ଓ ଅଫିସରମାନେ ଗତ ମାସ ୨୫ ତାରିଖରୁ କଳାବ୍ୟାଚ ପରିଧାନ କରି ଅଫିସ୍ କାର୍ଯ୍ୟ କରିଆସୁଥିଲେ । ତା’ସତ୍ତ୍ୱେ ଦାବି ପୂରଣ ନ ହେବାରୁ ଆଜି ସମସ୍ତ କର୍ମଚାରୀ କଲମ ଛାଡ଼ ଆନ୍ଦୋଳନ ଆରମ୍ଭ କରିଛନ୍ତି । ବ୍ରାହ୍ମଣଷଡ଼ଙ୍ଗୀ ରାଜସ୍ୱ ନିରୀକ୍ଷକ ତଥା ଜିଲ୍ଲା ସଭାପତି ଦୁଃଖୀଶ୍ୟାମ ସ୍ୱାଇଁ ଓ ସଂପାଦକ ଆଲୋକ କୁମାର ଜେନାଙ୍କ ନେତୃତ୍ୱରେ ବାଲିଅନ୍ତାର ୮ଟି ରାଜସ୍ୱ ନିରୀକ୍ଷକ ଖୋର୍ଦ୍ଧା ଜିଲ୍ଲାପାଳ ଓ ବାଲିଅନ୍ତା ତହସିଲଦାର ବିମଳ କୁମାର ଲେଙ୍କାଙ୍କୁ ପୁନଶ୍ଚ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

# ମାଟ୍ରିକ୍ ପରୀକ୍ଷାକୁ ନେଇ ମନରେ ଉତ୍କଣ୍ଠା

**ଭୁବନେଶ୍ୱର, ୧୯ ।୨ (ସମିସ) :** ମଙ୍ଗଳବାର ଠାରୁ ରାଜ୍ୟରେ ଆରମ୍ଭ ହେଉଛି ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ସାର୍ଟିଫିକେଟ୍ ପରୀକ୍ଷା । ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ । ରାଜ୍ୟର ମୋଟ୍ ୨, ୯୯୧ ଟି ପରୀକ୍ଷା କେନ୍ଦ୍ରରେ ମୋଟ ୫ ଲକ୍ଷ ୫୧ ହଜାର ୬୧୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।

### ଖୋର୍ଦ୍ଧା ଜିଲ୍ଲାରେ ୨୮,୨୦୯ ପରୀକ୍ଷାର୍ଥୀ

ତନ୍ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ସମୁଦାୟ ୧୩୪ଟି ପରୀକ୍ଷା କେନ୍ଦ୍ରରେ ୨୮,୨୦୯ ଜଣ ପରୀକ୍ଷାର୍ଥୀ ରହିଛନ୍ତି । ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । କପି ରୋକିବାକୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଜିଲ୍ଲା ସ୍ତରରେ ୩ ଥାକିଆ ସ୍କ୍ୱାଡ କରାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ହୋଇଥିବା ବେଳେ ଅତିରିକ୍ତ ଡିଇଓଙ୍କ ନେତୃତ୍ୱରେ ଆଉ ଏକ ଟିମ୍ କରାଯାଇଛି । ଏହାସହ ଅଧ୍ୟାପକଙ୍କୁ ନେଇ ଆଉ ଏକ ସ୍କ୍ୱାଡ ଟିମ୍ କରାଯାଇଛି । ସେହିପରି ବ୍ଲକ୍ ସ୍ତରରେ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ମାନେ ମଧ୍ୟ ପରୀକ୍ଷା ନିରୀକ୍ଷଣ ଓ ଯାଞ୍ଚ କରିବେ । ଏହାସହ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଲାଇଭ ଷ୍ଟ୍ରିମିଂ ସିସିଟିଭି ଓ ଇମେଜ୍ କ୍ୟାପଚର୍ ସିସିଟିଭି ଭଳି ୩ ପ୍ରକାରର ସିସିଟିଭି କ୍ୟାମେରା ଲଗାଯାଇଛି । ପ୍ରତି ପରୀକ୍ଷା କେନ୍ଦ୍ରରେ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି । ସେମାନେ ପରୀକ୍ଷା ପରିଚାଳନାର ନିରୀକ୍ଷଣ କରିବେ ।

ଶିକ୍ଷା ଜୀବନର ମୂଳଦୁଆ ଭାବେ ବିବେଚିତ ଏହି ପରୀକ୍ଷାକୁ ନେଇ ସମସ୍ତ କ୍ଷେତ୍ରରେ ଉତ୍ସାହ ପରିଲକ୍ଷିତ ହୋଇଛି । ମଜବୁତ୍ ମୂଳଦୁଆ ଆଶାରେ ପରୀକ୍ଷାର୍ଥୀଙ୍କଠାରୁ ଆରମ୍ଭ କରି ଅଭିଭାବକ, ଶିକ୍ଷା ପରିଷଦର କର୍ମକର୍ତ୍ତା, ସମ୍ପୃକ୍ତ ସ୍କୁଲ୍ର ଶିକ୍ଷକ/ଶିକ୍ଷୟିତ୍ରୀ, ପରୀକ୍ଷା ପରିଚାଳନା ସହିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ସର୍ବୋପରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଉତ୍କଣ୍ଠା ଆଣିଦେଇଛି ।

### ଶାନ୍ତ ଚିତ୍ତରେ ଉତ୍ତର ଲେଖନ୍ତୁ



ଛାତ୍ରଛାତ୍ରୀମାନେ ମନରେ ପୂର୍ଣ୍ଣ ଆତ୍ମବିଶ୍ୱାସ ରଖି ଚାପ ମୁକ୍ତ ହୋଇ ପରୀକ୍ଷା ଦିଅନ୍ତୁ । ପ୍ରଥମେ ପ୍ରଶ୍ନକୁ ପଢ଼ି ବୁଝିବା ପରେ ଶାନ୍ତ ଚିତ୍ତରେ ଉତ୍ତର ଲେଖନ୍ତୁ । ସକାରାତ୍ମକ ମନୋଭାବ ସହ ସମୟକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ପ୍ରଶ୍ନର ସଠିକ ଉତ୍ତର ଲେଖିବାକୁ ଚେଷ୍ଟା କରନ୍ତୁ । ଶୃଙ୍ଖଳାର ସହ ପରୀକ୍ଷା ପରିଚାଳନା ପାଇଁ ସମସ୍ତ ବନ୍ଦୋବସ୍ତ କରଯାଇଛି । ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି ।

**ପ୍ରଜ୍ଞା ପାରମିତା ଜେନା,** ବ୍ଲକ୍ ଶିକ୍ଷା ଅଧିକାରୀ, ଭୁବନେଶ୍ୱର

### ଓଏମ୍ଆର ପୂରଣ ବେଳେ ଯତ୍ନବାନ ହେବି



ପରୀକ୍ଷା ପାଇଁ ମୁଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଓ ଉତ୍ସାହିତ ଅଛି । ଚଳିତ ମାଟ୍ରିକ୍ ପରୀକ୍ଷା ଜୀବନର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ତେଣୁ ପରୀକ୍ଷା ନେଇ ମନରେ ଟିକିଏ ସଂଶୟ ରହିଛି । ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରିବି । ଓଏମ୍ଆର ସିଟ୍ ରେ ଗୋଲ ବୁଲାଇବା ବେଳେ ନିହାତି ଅଧିକ ଯତ୍ନବାନ ହେବି ।

**ସୁନୀଲ ସାହୁ,** କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ, ଭାକର ସାହି, ବାଲିପାଟଣା

